୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.69 Bhubaneswar Friday April 19 2024 | ୨୬ତମ ବର୍ଷ ସଂଖ୍ୟା–୬୯ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୧୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹ 1.50 (Air Surcharge - 0.50P) | Member-INS

## ବଦଳିବ କି କଣ୍ଟାବାଞ୍ଜିର ଭାଗ୍ୟ ? ନା ହିଞ୍ଜିଳି ପରି ଭୋଗିବେ ଦୁର୍ଦ୍ଦଶା !

ଭୁବନେଶ୍ୱର,୧୮।୪(ପି.ଏନ): ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ ପରେ ମଧ୍ୟ ଭୋକର ଭୂଗୋଳ ଭିତରେ ଦି'ମୁଠା ଦାନା ପାଇଁ ଦାଦନ ଯାଉଛି ଗରିବ ଖଟିଖିଆ ମଣିଷ। ସିଏ ଗଞ୍ଜାମ ହେଉ ଅବା ବଲାଙ୍ଗିରର କଣ୍ଟାବାଞ୍ଜି। ଆଜି ମଧ୍ୟ ଦାଦନ ଦହନରେ ଜଡସଡ ହେଉଛନ୍ତି ଲୋକ। ସଂଯୋଗର କଥା ହେଉଛି, ଚଳିତ ନିର୍ବାଚନରେ ଏହି ଦୁଇ ଜିଲ୍ଲାର ମଙ୍ଗ ଧରିବାକୁ ଯାଉଛନ୍ତି ନିଜେ ମୁଖ୍ୟମନ୍ତ୍ରୀ। ତେବେ କ'ଣ ବଦଳିଯିବ ଦାଦନର ଏହି ପେଣ୍ଠସ୍ଥଳୀର ଭାଗ୍ୟ ?ରାଜ୍ୟର ଚର୍ଚ୍ଚିତ ବିଧାନସଭା ନିର୍ବାଚନମଣ୍ଡଳୀ ହେଉଛି ହିଞ୍ଜିଳି। ୨୦୦୦ ମସିହାରୁ ଏଠାରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଲଗାତାର ୫ ଥର ନିର୍ବାଚିତ ହୋଇ ଆସୁଛନ୍ତି। ଆଉ ବନିଛନ୍ତି ରାଜ୍ୟର ମୁଖ୍ୟମନ୍ତ୍ରୀ। ଏଠାରୁ ସେ ସମଗ୍ର ରାଜ୍ୟକୁ ଦେଉଛନ୍ତି ବିକାଶର ବାର୍ତ୍ତା।




ହେଲେ ଦୀପ ତଳ ଅନ୍ଧକାର ଭଳି ବଦଳି ପାରିନି ହିଞ୍ଜିଳିର ଭାଗ୍ୟ। ହଟିପାରିନି ହିଞ୍ଜିଳି ଦାଦନ ଦୁଃଖ। ଦାନା ପାଇଁ ପ୍ରତିଦିନ ଶହଶହ ଲୋକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ହିଞ୍ଜିଳି ବ୍ଲକ୍ ? ବୁରୁପଡା ପଞ୍ଚାୟତ। କୁହାଯାଉଛି, ଏହି ପଞ୍ଚାୟତରୁ ୨୦୦ରୁ ଅଧିକ ଲୋକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ଯେଉଁଥିପାଇଁ କାହା ଘର ପୁରୁଷ ଶୂନ୍ୟ ହୋଇଛି ତ ଆଉ କାହା ଘରେ ତାଟି କବାଟ ପଡିଛି। ଗାଁରେ କେବଳ ବୟସ୍କ ବ୍ୟକ୍ତି ଓ ମହିଳାମାନେ ଘର ଜଗି ରହିଛନ୍ତି। ହିଞ୍ଜିଳି ନିର୍ବାଚନମଣ୍ଡଳୀ ସାରା ଏଭଳି ଦୁର୍ଦ୍ଦଶାର ଅଭିଯୋଗ ଆଣିଛନ୍ତି ଲୋକେ।

## ପ୍ରସନ୍ନଙ୍କ ଅଦଳବଦଳ ଅଙ୍କ; ୨୦୨୪ରେ ୨୦୦୯ର ପୁନରାବୃତ୍ତି

ଭୁବନେଶ୍ୱର,୧୮।୪(ପି.ଏନ): ପଶ୍ଚିମ ଓଡିଶାର ପୁରୁଖା ନେତା ହେଉଛନ୍ତି ପ୍ରସନ୍ନ ଆଚାର୍ଯ୍ୟ। ହେଲେ ତାଙ୍କୁ ଆଜି ପର୍ଯ୍ୟନ୍ତ ମିଳିପାରିଲାନି ସ୍ଥାୟୀ ନିର୍ବାଚନ ମଣ୍ଡଳୀ। ତେଣୁ ସେ ଏ ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚନ ମଣ୍ଡଳୀକୁ ଘୂରି ବୁଲୁଛନ୍ତି। ବିଜେଡି ତାଙ୍କୁ ନେଇ କେବଳ ଏକ୍ସପେରୀମେଣ୍ଟ କରୁଥିବା ଚର୍ଚ୍ଚା ହେଉଛି। ୨୦୦୯ ସାଧାରଣ ନିର୍ବାଚନରେ ଯାହା ଘଟିଥିଲା, ୨୦୨୪ ମସିହାରେ ତାହା ଘଟିଛି। ଅର୍ଥାତ ୨୦୦୯ ପରି ୨୦୨୪ ମସିହାରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ସିଟ୍ ବଦଳା ଯାଇଛି। ପଶ୍ଚିମ ଓଡିଶାର ଟାଣୁଆ ଓ ବରିଷ୍ଠ ବିଜେଡି ନେତା ହେଉଛନ୍ତି ପ୍ରସନ୍ନ ଆଚାର୍ଯ୍ୟ। ତାଙ୍କୁ ଏଥର ଦଳ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଥିଲା। ଅର୍ଥାତ ତାଙ୍କୁ ବିଜେପିର ହେଭିୱେଟ୍



ଜୟନାରାୟଣ ମିଶ୍ରଙ୍କ ବିରୋଧରେ ପ୍ରାର୍ଥୀ କରିଥିଲା ବିଜେଡି। କିନ୍ତୁ ଏଥିରେ ଖୁସି ନଥିଲେ ପ୍ରସନ୍ନ। ସେ ଅସନ୍ତୋଷ ଝାଡି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ସମ୍ବଲପୁରରୁ ପ୍ରାର୍ଥୀ ହେବେ ନାହିଁ ବୋଲି ରୋକ୍ଠୋକ୍ ଶୁଣାଇ ଦେଇଥିବା ଚର୍ଚ୍ଚା ହେଉଥିଲା। ଯାହାକୁ ନେଇ ସୁପ୍ରିମୋଙ୍କ ଅକଲ ଗୁଡୁମ୍ ହୋଇଯାଇଥିଲା। ତେବେ ପ୍ରକାଶ ପାଇଥିବା ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଦେଖିବାକୁ ମିଳିଥିଲା ବଡ ଧରଣର ଅଦଳବଦଳ। ସମ୍ବଲପୁରରୁ ପ୍ରାର୍ଥୀ ହୋଇଥିବା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ରେଢାଖୋଲ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରିଥିଲା ବିଜେଡି। ଆଉ ରେଢାଖୋଲ ପ୍ରାର୍ଥୀ ରୋହିତ ପୂଜାରୀ ହୋଇଥିଲେ ସମ୍ବଲପୁର ପ୍ରାର୍ଥୀ।

## ୩୨ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ, ଭୁବନେଶ୍ୱର ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର,୧୮।୪(ପି.ଏନ): ରାଜ୍ୟରେ ଆଜି ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଭୁବନେଶ୍ୱର ପାଲଟିଛି ସବୁଠୁ ଉତ୍ତପ୍ତ ସହର। ଏଠାରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ରହିଥିଲା। ଏପ୍ରିଲ ୫ ତାରିଖରେ ଭୁବନେଶ୍ୱରର ସର୍ବୋଚ୍ଚ ଦିନ ତାପମାତ୍ରା ୪୩.୫ ଡିଗ୍ରୀ ରହିଥିଲା। ଭୁବନେଶ୍ୱର ତଳକୁ ରହିଛି ବୌଦ୍ଧ। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ବାଲେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨.୨ ଡିଗ୍ରୀ ରହିଥିବା ବେଳେ ଚାନ୍ଦବାଲିରେ ୪୧.୨, କଟକରେ ୪୧.୪, ଅନୁଗୋଳରେ ୪୩.୩, ବାରିପଦାରେ ୪୨.୬, ଝାରସୁଗୁଡାରେ ୪୨.୮, କେନ୍ଦୁଝରଗଡରେ ୪୦.୯, ସମ୍ବଲପୁରରେ ୪୨.୨, ସୁନ୍ଦରଗଡରେ ୪୧.୪, ହୀରାକୁଦରେ ୪୧.୬, ତାଳଚେରରେ ୪୨.୨, ଭବାନୀପାଟଣାରେ ୪୨, ଫୁଲବାଣୀରେ ୪୦.୪, ଟିଟିଲାଗଡରେ ୪୨.୫, ମାଲକାନଗିରିରେ ୪୨.୫, ସୋନପୁରରେ ୪୦.୭, ନୟାଗଡରେ ୪୨, ଛତ୍ରପୁରରେ ୪୦.୮, ପାରଳାଖେମୁଣ୍ଡିରେ ୪୧.୮, ଭଦ୍ରକରେ ୪୧, ଯାଜପୁରରେ ୪୧.୮, ଢେଙ୍କାନାଳରେ ୪୨, ବରଗଡରେ ୪୧.୨, ନୂଆପଡାରେ ୪୨.୨, ନବରଙ୍ଗପୁରରେ ୪୧, ଖୋର୍ଦ୍ଧାରେ ୪୨.୫, ଜଗତସିଂହପୁରରେ ୪୨.୩, କେନ୍ଦ୍ରାପଡାରେ ୪୧.୪ ଓ ରାଉରକେଲାରେ ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି।

## ଜେଲ ଭିତରେ କେଜ୍ରିୱାଲଙ୍କୁ ମାରିବାକୁ ଚାଲିଛି ଷଡଯନ୍ତ୍ର

ଭୁବନେଶ୍ୱର,୧୮।୪(ପି.ଏନ): ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ଚାଲିଛି ସାଂଘାତିକ ଷଡଯନ୍ତ୍ର। ଜେଲ ଭିତରେ କେଜ୍ରିୱାଲଙ୍କୁ ମାରି ଦେବା ପାଇଁ ମସୁଧା ହୋଇଥିବା ତାଙ୍କ ଦଳ ଆପ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଆପ୍ ନେତ୍ରୀ ତଥା ଦିଲ୍ଲୀର ମନ୍ତ୍ରୀ ଆତିଶୀ କହିଛନ୍ତି, ବିଗତ କିଛି ଦିନ ହେଲାଣି କେଜ୍ରିୱାଲଙ୍କ ରକ୍ତ ସର୍କରା ୩୦୦ରୁ ଉପରେ ରହିଛି। ସେ ଇନସୁଲିନ ପାଇଁ ଦାବି କରୁଥିଲେ ହେଁ ତାଙ୍କୁ ତିହାର ଜେଲ କର୍ତ୍ତୃପକ୍ଷ ଦେଉ ନାହାନ୍ତି।୩୦ ବର୍ଷ ଧରି ମଧୁମେହ ରୋଗରେ ପୀଡିତ ଥିବା ଜଣେ ବ୍ୟକ୍ତିଙ୍କୁ ଇନସୁଲିନ ନ ଦେଇ କି ପ୍ରକାରର ଷଡଯନ୍ତ୍ର ଚାଲିଛି କ'ଣ ସେମାନେ ଅରବିନ୍ଦ କେଜ୍ରିୱାଲଙ୍କୁ ମାରି ଦେବାକୁ ଚାହୁଁଛନ୍ତି ?



## ପରଲୋକରେ ବର୍ଷୀୟାନ ନାଟ୍ୟ ନିର୍ଦ୍ଦେଶକ ଡ. ସଚ୍ଚି ଦାସ

ଭୁବନେଶ୍ୱର,୧୮।୪(ପି.ଏନ): ଓଡିଆ ଯାତ୍ରା ଜଗତରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ବର୍ଷୀୟାନ ନିର୍ଦ୍ଦେଶକ ଡ. ସଚ୍ଚି ଦାସ ଆଉ ନାହାଁନ୍ତି । ଦୀର୍ଘ ଦିନରୁ ଅସୁସ୍ଥ ଥିବା କାରଣରୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ହେଉଥିଲେ । ତେବେ ଗୁରୁବାର ୮୮ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ବିୟୋଗରେ କଳିଉଡରେ ଶୋକର ଛାୟା ଖେଳିଯାଇଛି । ଓଡିଆ ନାଟ୍ୟ ଜଗତର ଭୀଷ୍ମ ପିତାମହ ଭାବେ ସେ ବେଶ ଜଣାଶୁଣା ଥିଲେ । ୧୯୩୬ ମସିହାରେ ଯାଜପୁରର ବରୀ ଠାରେ ଡ. ସଚ୍ଚି ଦାସ ଜନ୍ମ ଗ୍ରହଣ କରିଥିଲେ । ପିଲାଦିନରୁ ଅଭିନୟ ପ୍ରତି ତାଙ୍କର ରୁଚି ଥିଲା । ତେଣୁ ସେ ଗାଁ ମଞ୍ଚରେ ହେଉଥିବା ନାଟକରେ ଅଭିନୟ ମଧ୍ୟ କରୁଥିଲେ । ୧୯୫୮ ମସିହାରେ ଜନତା ରଙ୍ଗମଞ୍ଚ ସହିତ ଜଡିତ ହେବା ପରେ ଆଉ ପଛକୁ ଫେରି ଚାହିଁ ନଥିଲେ । ବର୍ତ୍ତମାନ ସୁଦ୍ଧା ସେ ୫୦୦ରୁ ଅଧିକ ନାଟକରେ ଅଭିନୟ, ୪୦୦ରୁ ଅଧିକ ନାଟକର ରଚନା ଏବଂ ୧୦୦ରୁ ଅଧିକ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି । ସଚ୍ଚି ଦାସ ନିଜର ନିକ୍ଷୁଣ ଅଭିନୟ ଏବଂ ନିର୍ଦ୍ଦେଶନା ପାଇଁ ଅନେକ ସମ୍ମାନ ଏବଂ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ୨୦୧୮ରେ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ, ୨୦୧୮ରେ ଉତ୍କଳ ସଂସ୍କୃତି ମହାବିଦ୍ୟାଳୟ ପକ୍ଷରୁ ସମ୍ମାନ ଜନକ ଡକ୍ଟରେଟ୍, ୨୦୧୫ରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ୨୦୦୦ରୁ ୨୦୦୧ରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ୨୦୧୦ରେ ଶତାବ୍ଦୀର କଳାକାର ସମ୍ମାନ, ୨୦୧୪ରେ ବାଣୀଚିତ୍ର ସମ୍ମାନ ଏବଂ ୨୦୧୭ରେ ଅଜିତ ନାଟ୍ୟ ସମ୍ମାନ ପାଇଥିଲେ ।

## ରାସ୍ତା ଓ ପାଣି ନାହିଁ ତ ଭୋଟ୍ ନାହିଁ: ଉପରଦୁଣ୍ଡା ଓ ତଳ ଦୁଣ୍ଡାବାସୀଙ୍କ କଡା ଚେତାବନୀ

ଭବାନୀପାଟଣା: କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ର ଉପର ଦୁଣ୍ଡା ଓ ତଳଦୁଣ୍ଡା ଗ୍ରାମକୁ ରାସ୍ତା ଓ ପାଣି ଦାବିରେ ନିର୍ବାଚନ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ନିଜେ ରାସ୍ତା ନିର୍ମାଣ ପାଇଁ ଅଣ୍ଟା ଭିଡିଛନ୍ତି। ଦୁନ୍ଦେଲମାଲ ପଞ୍ଚାୟତର ଉପର ଦୁଣ୍ଡା ଓ ତଳ ଦୁଣ୍ଡା ଗାଁ ହେଉଛି ଏକ ବଣପାହାଡ଼ ଘେରା ଦୁର୍ଗମ ଅଞ୍ଚଳ। ଉପର ଦୁଣ୍ଡା ଓ ତଳ ଦୁଣ୍ଡା ଗାଁରେ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ୫୦୦ରୁ ଅଧିକ ପରିବାର ବସବାସ କରିଛନ୍ତି। ଗ୍ରାମବାସୀ ଦୁନ୍ଦେଲମାଲ ପଞ୍ଚାୟତକୁ ଆସିବାକୁ ହେଲେ ୧୬ କିମି ଆସିବାକୁ ପଡିଥାଏ। ସେହିଭଳି ଜୁନାଗଡ଼ ବ୍ଲକ୍ ଅଫିସ୍ ଆସିବାକୁ ହେଲେ ୨୬ କିମି ଯିବାକୁ ପଡିଥାଏ। ରାସ୍ତା ନ ଥିବା ଯୋଗୁଁ ଲୋକେ ପାହାଡ଼ ଚଢ଼ି ବିପଦସଂକୁଳ ଭାବରେ ଯିବାଆସିବା କରିଥାନ୍ତି। ଚାଉଳ ଓ ଭତ୍ତା ପାଇଁ ବୁ?ାବୁ?ୀମାନେ ପାହାଡ଼ ଚଢ଼ି ଅତି ଦୟନୀୟ ଅବସ୍ଥାରେ ଯିବା ଆସିବା କରିଥାନ୍ତି। ଯଦି କୌଣସି ରୋଗଗ୍ରସ୍ତ ଲୋକ, ଗର୍ଭବତୀ କିମ୍ବା ପ୍ରସୂତିଙ୍କୁ ଡାକ୍ତରଖାନାକୁ ନେବାକୁ ହେଲେ ଖଟିଆରେ ବୋହି ଥୁଆମୂଳ ରାମପୁର ଅଞ୍ଚଳର କିଆପଦର ଦେଇ ୩୭ କିମି ଭବାନୀପାଟଣା ଡାକ୍ତରଖାନାକୁ ନେଇଥାନ୍ତି। ଗାଁରେ ୨ ନଳକୂଅ ଓ ଗୋଟିଏ ସୋଲାର ପମ୍ପ ରହିଛି। ଗୋଟିଏ ନଳକୂଅ ଓ ସୋଲାର ପମ୍ପ ଖରାପ ହୋଇଛି।

## ଇଭିଏମ ମାମଲା: VVPAT ସ୍ଲିପ ନେଇ ପାରିବେ କି ଭୋଟର ? ପ୍ରଶ୍ନ କଲେ ସୁପ୍ରିମକୋର୍ଟ

ନିର୍ବାଚନ ପ୍ରକ୍ରିୟାରେ ଶୁଦ୍ଧତା ବା ପବିତ୍ରତା ରହିବା ଦରକାର ବୋଲି ଆଜି ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ କହିଛନ୍ତି। ଏଥିସହ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ କମିଶନ କ'ଣ ସବୁ ପଦକ୍ଷେପ ଅନୁସରଣ କରୁଛନ୍ତି, ସେ ବିଷୟରେ ବିସ୍ତୃତ ତଥ୍ୟ ଦେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଇଭିଏମ ବା ବୈଦ୍ୟୁତିକ ମତଦାନ ଯନ୍ତ୍ର ଦ୍ୱାରା ହେଉଥିବା ଭୋଟ ସହ ଭିଭିପ୍ୟାଟ ସିଷ୍ଟମ ଦ୍ୱାରା ଦୃଶ୍ୟମାନ ହେଉଥିବା କାଗଜ ଖଣ୍ଡର ପୁନଃ ଯାଞ୍ଚ କରି ନିର୍ବାଚନ ରେଜଲ୍ଟ ପ୍ରକାଶ କରିବା ପାଇଁ ହୋଇଥିବା ଏକାଧିକ ଆବେଦନର ଶୁଣାଣି ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କରିଛନ୍ତି।ଖଣ୍ଡପୀଠ କହିଛନ୍ତି, "ଏହା ଏକ ନିର୍ବାଚନ ପ୍ରକ୍ରିୟା। ଏଥିରେ ନିଶ୍ଚିତ




ଭାବେ ଶୁଦ୍ଧତା ବା ପବିତ୍ରତା ରହିବା ଦରକାର। ଆଶା ଅନୁସାରେ କିଛି ହେଉ

ଭାବେ ଶୁଦ୍ଧତା ବା ପବିତ୍ରତା ରହିବା ଦରକାର। ଆଶା ଅନୁସାରେ କିଛି ହେଉ

## ପ୍ରଥମ ପର୍ଯ୍ୟାୟ ମତଦାନର ଦିନକ ପୂର୍ବରୁ ୨ଟି ମାଓ ଡମ୍ପ ଠାବ, ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଉଦ୍ଧାର

ମାଲକାନଗିରି,୧୮।୪(ପି.ଏନ): ରାତି ପାହିଲେ ଦେଶର ବିଭିନ୍ନ ସ୍ଥାନ ସହିତ ଛତିଶଗଡରେ ମଧ୍ୟ ମତଦାନ ହେବ। କିନ୍ତୁ ଏହା ପୂର୍ବରୁ ବିଏସଏଫ ଓ ମାଲକାନଗିରି ପୁଲିସକୁ ମିଳିଛି ବଡ଼ ସଫଳତା। ବିଶେଷ ସୂତ୍ରରୁ ଖବର ପାଇ କାଲିମେଳା ଥାନା ଅନ୍ତର୍ଗତ ବୋଡିଗାଟା ବିଏସଏଫ କ୍ୟାମ୍ପ, ଏମ୍ପିଭି-୨୧ ବିଏସଏଫ କ୍ୟାମ୍ପ ଏବଂ ଜିଲ୍ଲା ପୁଲିସର ମିଳିତ ଭାବେ ଭେଜଙ୍ଗୱାଡା ଜଙ୍ଗଲରେ ସର୍ଚ୍ଚ ଅପେରେସନ କରୁଥିବା ବେଳେ ୨ଟି ମାଓବାଦୀଙ୍କ ଡମ୍ପ ଠାବ ହୋଇଛି।ଏଲକାନୁର ଗ୍ରାମ ନିକଟସ୍ଥ ସାନ ଟେକଗୁଡା ଠାରେ ଏହି ଡମ୍ପ ଥିଲା।ଏହି ଦୁଇଟି ଡମ୍ପରୁ ୭ଟି ଏସବିଏମଏଲ ବନ୍ଧୁକ,ଦୁଇଟି ଟିଫିନ ବୋମା, ୪ଟି ହ୍ୟାଣ୍ଡ ଗ୍ରେନେଡ଼, ସିଲିଣ୍ଡେର, ବିଦ୍ୟୁତ ତାର ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଛି।ପ୍ରକାଶ ଥାଉ କି ଏହି ଅଂଚଳ ସମ୍ପୂର୍ଣ୍ଣ ମାଓବାଦୀଙ୍କ ଗଡ଼ ଥିଲା। ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଏହି ଏଠାରେ ନକ୍ସଲ ବନ୍ଧୁକ ଓ ବିସ୍ଫୋରକ ଲୁଚାଇ ରଖିଥିଲେ।ଏଠାରୁ ନକ୍ସଲ ଅନ୍ୟ ସ୍ଥାନକୁ ଅସ୍ତ୍ରଶସ୍ତ୍ର ପଠାଉଥିଲେ।

## ଚିତ୍ରକୋଣ୍ଡା: ବିଜେଡିରୁ ଲକ୍ଷ୍ମୀ ପ୍ରିୟା, କଂଗ୍ରେସରୁ ମଙ୍ଗୁ ଖିଲ, ବିଜେପିରୁ ଡମ୍ବରୁ ଶିଶାଓ ଆପରୁ ଶରତ ବୁରୁଦାଙ୍କ ନାମ ଘୋଷଣା

ମାଲକାନଗିରି ,୧୮।୪(ପି.ଏନ): ବର୍ତ୍ତମାନ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନୀ ମଣ୍ଡଳୀ ରୁ କଂଗ୍ରେସରୁ ମଙ୍ଗୁ ଖିଲ, ବିଜେପିର ଡମ୍ବରୁ ଶିଶା ଏବଂ ବିଜେଡି ରୁ ଲକ୍ଷ୍ମୀ ପ୍ରିୟା ନାୟକ ଏବଂ ଆମ୍ ଆଦମୀ ପାର୍ଟିରୁ ଶରତ ଚନ୍ଦ୍ର ବୁରୁଦାଙ୍କ ନାମ ଘୋଷଣା କରାଯାଇଛି। ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତା ଦଳ ପ୍ରାର୍ଥୀ ଭାବେ ଲକ୍ଷ୍ମୀପ୍ରିୟା ନାୟକଙ୍କ ନାମ ଘୋଷଣା ହେବା ପରେ ବହୁ ବାଦ ବିବାଦ ଓ କଳ୍ପନା ଜଳ୍ପନାର ଅନ୍ତ ଘଟିଛି । ବିଜେଡ଼ି ସୁପ୍ରିମୋ ଆଜି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଲକ୍ଷ୍ମୀ ପ୍ରିୟା ଙ୍କ ନାମ ଘୋଷଣା କରିଛନ୍ତି । ବିଜୁ ଜନତା ଦଳର ଜିଲ୍ଲା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଙ୍କୁ ଭରସା କରି ଟିକେଟ ଦେଇଛି । ସେ ୨୦୧୯ ର୍ନିବାଚନରେ କଂଗ୍ରେସ ଦଳରୁ ଟିକେଟ ପାଇ ବିଧାୟିକା ଭାବେ ଚିତ୍ରକୋଣ୍ଡା ଆସନରୁ ଲଢ଼ିଥିଲେ ଲକ୍ଷ୍ମୀ ପ୍ରିୟା ।କିନ୍ତୁ ୨୫୪୫ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ନିଜ ଦଦା ପୂର୍ଣ୍ଣ ଚନ୍ଦ୍ର ବାକାଙ୍କ ଠାରୁ ପରାସ୍ତ ହୋଇଥିଲେ ଝିଆରୀ ଲକ୍ଷ୍ମୀ ପ୍ରିୟା ନାୟକ। ଗତ ପଞ୍ଚାୟତ ନିର୍ବାଚନ ସମୟରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ବିଜେଡିରେ ସେ ଯୋଗଦେଇ ଥିଲେ । ମାଥିଲି – ୩ ଜିଲ୍ଲା ପରିଷଦ ଜୋନ୍ ଆସନରୁ ବିଜେଡି ଟିକେଟ ପାଇ ଜିଲ୍ଲା ପରିଷଦ ମେମ୍ବର ଭାବେ ନିର୍ବାଚିତ ହୋଇଥିଲେ । ଆଶା ଥିଲା ସେ ଜିଲ୍ଲା ପରିଷଦ ସଭାପତି ହେବେ । କିନ୍ତୁ ଦଳ ସମାରୀ ଟାଙ୍ଗୁଲଙ୍କୁ ଜିଲ୍ଲା ପରିଷଦ ସଭାପତି କରି ଥିଲା। ତେବେ ତାଙ୍କୁଖୁସି କରେଇବା ପାଇଁ ମହିଳା ବିଜେଡିର ଜିଲ୍ଲା ସଭାପତି ଦାୟିତ୍ୱ ପ୍ରଦାନ କରିଥିଲେ। ତେବେ ଲକ୍ଷ୍ମୀ ପ୍ରିୟା ଙ୍କ ମାନଭଞ୍ଜନ ପାଇଁ ବିଧାୟକ ଟିକେଟ ଦେବା ପାଇଁ ଦଳ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ବିଜେଡି ଟିକେଟ ପାଇଁ ଏଠାରେ ୯ ଜଣ ପ୍ରାର୍ଥୀ ଆଶାୟୀ ଥିବାରୁ ବିଜେଡି କାହାକୁ ଟିକେଟ ଦେବା ଦ୍ୱନ୍ଦରେ ପଡି ଟିକେଟଦେବାରେ ବିଳମ୍ବ କରିଥିଲା। ଶେଷରେ ଲକ୍ଷ୍ମୀ ପ୍ରିୟା ନାୟକଙ୍କ ଉପରେ ଦଳ ଭରସା କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ନାମରେ ମୋହର ଲଗାଇଛନ୍ତି। ଚିତ୍ରକୋଣ୍ଡା ବିଧାୟକ ପ୍ରାର୍ଥି ଭାବେ କଂଗ୍ରେସ ଦଳ ପକ୍ଷରୁ ମଙ୍ଗୁ ଖିଲଙ୍କୁ ପ୍ରାର୍ଥୀ ଘୋଷଣା କରିଛି । ମଙ୍ଗୁ ଖିଲ କଂଗ୍ରେସ ପାଇଁ ନୂଆ ଚେହେରା।ସେ ପୂର୍ବରୁ ସୋମନାଥ ପୁର ପଞ୍ଚାୟତ ର ସରପଞ୍ଚ ଥିଲା ବେଳେ କୋରୁକୋଣ୍ଡା ଜୋନରୁ ସେ ଜିଲ୍ଲା ପରିଷଦ ସଦସ୍ୟ ଭାବେ ବିଜୟ ହାସଲ କରିଥିଲେ। ସେହିପରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଡମ୍ବରୁ ଶିଶିଙ୍କ ନାମରେ ବିଜେପି ମୋହର ମାରିଛି। ଡମ୍ବରୁ ଶିଶା ୨୦୧୪ ରେ ବିଜେଡି ଟିକେଟ ରେ ବିଧାୟକ ଭାବେ ବିଜୟ ହାସଲ କରିଥିଲେ। ମାତ୍ର ବିଜେଡି ୨୦୧୯ର ତାଙ୍କୁ ବିଧାୟକ ପାଇଁ ଟିକେଟ ନ ଦେଇ ଜଣେ ସରକାରୀ କର୍ମଚାରୀ ପୂର୍ଣ୍ଣ ଚନ୍ଦ୍ର ବାକାକୁ ଟିକେଟ ଦେଇଥିଲା। ସେତେବେଳେ ଶ୍ରୀ ବାକା ୪୧,୧୯୨ ଭୋଟ ପାଇ ବିଜୟ ହୋଇଥିଲା ବେଳେ କଂଗ୍ରେସ ଟିକେଟ ରେ ଲକ୍ଷ୍ମୀ ପ୍ରିୟା ନାୟକ ୩୮,୬୪୭ ପାଇଁ ଅର୍ଥତ ୨୫୪୫ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ବର୍ତ୍ତମାନ ବିଜେଡି ପୁନର୍ବାର ପୂର୍ଣ୍ଣ ଚନ୍ଦ୍ର ବାକା ଉପରେ ଆଉ ଭରସା ନକରି ଲକ୍ଷ୍ମୀପ୍ରିୟା ନାୟକଙ୍କଉପରେ ଭରସା କରି ଟିକେଟ ପ୍ରଦାନ କରିଛି। ଲକ୍ଷ୍ମୀ ପ୍ରିୟା ନାୟକଙ୍କ ବିଜେଡି ଟିକେଟ କାଟିବା ଲାଗି ବଡଧରଣର ଚକ୍ରାନ୍ତଦଳ ମଧ୍ୟରେ ଚାଲିଥିଲା । ଶେଷରେ ଦଳ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଲକ୍ଷ୍ମୀ ପ୍ରିୟା ନାୟକଙ୍କ ନାମ ଘୋଷଣା କରିଛି। ସେହି ପରି କଂଗ୍ରେସ ଟିକେଟ ପାଇଁ ଆଶାୟୀ ଥିବା ଶରତ ଚନ୍ଦ୍ର ବୁରୁଦାଙ୍କ ଟିକେଟ କାଟିବା ପରେ ସେ ଆମ୍ ଆଦମୀ ପାର୍ଟିରେ ମିଶିଛନ୍ତି। ତାଙ୍କୁ ମଧ୍ୟ ଆମ୍ ଆଦମୀ ପାର୍ଟି ଟିକେଟ ଆଜି ଘୋଷଣା କରିଛି ।ଶ୍ରୀ ବରୁଦା ୨୦୧୪ ରେ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନୀ ମଣ୍ଡଳୀ ରୁ ବିଜେପି ରୁ ବିଧାୟକ ଭାବେ ଲଢି ୧୭, ୫୭୮ ଅର୍ଥାତ୍ ୧୫.୫ ପ୍ରତିଶତ ଭୋଟ ପାଇ ଥିଲେ । ପରେ ସେ ଦଳ ବଦଳାଇ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ମାତ୍ର କଂଗ୍ରେସ ଶେଷ ମୂହୁର୍ତ୍ତ ରେ ଟିକେଟ ନ ଦେବା ଯୋଗୁଁ ବାଧ ହୋଇ ଆମ୍ ଆଦମୀ ପାର୍ଟିରେ ସାମିଲ ହୋଇଥିଲେ । ତେବେ ଚିତ୍ରକୋଣ୍ଡା ଆସନରେ ୨୦୧୪ ଓ ୨୦୧୯ ଲଗାତାର ଭାବେ ବିଜେଡି ବିଜୟ କରିଛି। ୨୦୦୯ ରେ ଏହି ଆସନରୁ କଂଗ୍ରେସରୁ ମମତା ମାଡି ବିଜୟ ହାସଲ କରିଥିଲେ। ବର୍ତ୍ତମାନ କଂଗ୍ରେସ ବିଧାୟକ ଭାବେ ଏକ ନୂତନ ପ୍ରାର୍ଥୀ ଦେଇଥିଲା ବେଳେ ଡମ୍ବରୁ ଶିଶା ଥରେ ବିଧାୟକ ଭାବେ ବିଜୟ ହାସଲ କରିଥିଲେ। ଲକ୍ଷ୍ମୀ ପ୍ରିୟା ନାୟକ ଏବଂ ଶରତ ଚନ୍ଦ୍ର ବୁରୁଦା ବିଧାୟକ ଭାବେ ଲଢି ହାରିଯାଇଥିଲେ ।

## ପିକ୍ଅପ୍ ଭ୍ୟାନ୍ରୁ ୧୦ ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର,୧୮।୪(ପି.ଏନ): ନିର୍ବାଚନ ଆଚରଣ ବିଧି ଲାଗି ହୋଇଥିବା ବେଳେ ୧୦ ଲକ୍ଷ ଟଙ୍କା ଏକ ପିକ୍ଅପ୍ ଭ୍ୟାନ୍ରେ ଚାଲାଣ ହେଉଥିଲା। ଗାଡି ଯାଞ୍ଚ ବେଳେ ବରଗଡ ସଦର ଥାନା ପୁଲିସ୍ ଏତେ ପରିମାଣର ଟଙ୍କା ଜବତ କରିଛି। ଏତେ ପରିମାଣର ଟଙ୍କା କେଉଁଠି ଯାଉଥିଲା, ତାହା ଜଣାପଡିନଥିବା ବେଳେ ମଧ୍ୟ ପୁଲିସ୍ ଘଟଣାର ତଦନ୍ତ ଚଳାଇଛି ।ଆଜି ଏକ ପିକ୍ଅପ୍ ଭ୍ୟାନରେ ବରଗଡ଼ ସହର ଦେଇ ଦ୍ରୁତ ଗତିରେ ଯାଉଥିଲା। ହଲଦୀପାଲି ଛକଠାରେ ଟାଉନ୍ ? ଥାନା ପୁଲିସ୍ ଗାଡିଟିକୁ ଅଟକାଇ ଥିଲା। ଯାଞ୍ଚ ବେଳେ ଗାଡିରୁ ୧୦ ଟଙ୍କା ମିଳିଥିଲା। ନୋଟ୍ ଗୁଡିକୁ ଛୋଟ ଛୋଟ ପ୍ୟାକେଟ୍ରେ



ପ୍ୟାକିଂ ହୋଇଥିଲା। ପୁଲିସ୍ ସେହି ଟଙ୍କା ସମ୍ପର୍କରେ ଗାଡି ଚାଳକଙ୍କୁ ପଚାରିଥିଲା। ମାତ୍ର ସେ ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିଲା। ତେଣୁ ପୁଲିସ୍ ଟଙ୍କା ପ୍ୟାକେଟ୍ ଓ ଗାଡିକୁ ଜବତ କରିଥିଲା। ଗାଡି ଚାଳକକୁ ପୁଲିସ୍ ଅଟକ ରଖିଛି।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ରହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୧୯**

# ଜାତିସଂଘ ରିପୋର୍ଟ- ଭାରତର ଜନସଂଖ୍ୟା ୧୪୪କୋଟି



ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତର ଜନସଂଖ୍ୟା ୧୪୪କୋଟି ପାର ହୋଇ ୧୪୪.୧୭କୋଟିରେ ପହ ୍ଛି।୭୭ ବର୍ଷରେ ଦୁଇଗୁଣା ହୋଇଛି ଜନସଂଖ୍ୟା । ଜାତିସଙ୍ଘ ଜନସଂଖ୍ୟା ପାଣ୍ଠି ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରୁ ଏହା ଜଣା ପଡିଛି । ୨୦୧୧ ଜନଗଣନା ବେଳେ ଭାରତର ଜନସଂଖ୍ୟା ୧୨୧କୋଟି ରେକର୍ଡ କରାଯାଇଥିଲା । ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ୦-୧୪ବର୍ଷ ପର୍ଯ୍ୟନ୍ତ ବୟସର ଜନସଂଖ୍ୟା ୩୫କୋଟି ହୋଇଛି , ଯାହାକି ମୋଟ ଜନସଂଖ୍ୟାର ୨୪ପ୍ରତିଶତ। ସେହିଭଳି ୧୦ରୁ୧୯ ଆୟୁବର୍ଗର ଜନସଂଖ୍ୟା ୧୭ ପ୍ରତିଶତ । ମୋଟ ଜନସଂଖ୍ୟାରେ ୧୦ରୁ ୨୪ ଆୟୁବର୍ଗଙ୍କ ସଂଖ୍ୟା ୨୬ ପ୍ରତିଶତ । ୧୫ରୁ ୬୪ ଆୟୁବର୍ଗଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୬୮ ପ୍ରତିଶତ । ସେହିଭଳି ୬୫ବର୍ଷରୁ ଅଧିକ ବୟସର ଜନସଂଖ୍ୟା ମୋଟ ଜନସଂଖ୍ୟାର ୭ ପ୍ରତିଶତ । ଦେଶର ପୁରୁଷଙ୍କର ହାରାହାରି ପରମାୟୁ ୭୧ ବର୍ଷ ହୋଇଥିବାବେଳେ ମହିଳାଙ୍କ କ୍ଷେତ୍ରରେ ଏହା ୭୪ ବର୍ଷ ରହିଛି । ଚଳିତବର୍ଷ ଆରମ୍ଭରେ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହୋଇଥିବା ବେଳେ ଏବେ ଭାରତ ସେହି ଧାରା ବଜାୟ ରଖିଥିବା ଜାତିସଙ୍ଘ ରିପୋର୍ଟରୁ ଜଣାପଡିଛି । ଚୀନରେ ଏକ ସନ୍ତାନ ଜନ୍ମନୀତି ଯୋଗୁଁ ଏହା ଜନସଂଖ୍ୟାରେ ଦ୍ୱିତୀୟ ସ୍ଥାନକୁ ଖସିଛି ।

କୌଣସି ଦେଶର ଜନସଂଖ୍ୟା ସେ ଦେଶର ପରିସମ୍ପ ି । କାରଣ ଏହା ଅର୍ଥବ୍ୟବସ୍ଥାକୁ ଶ୍ରମଶକ୍ତି ଯୋଗାଇଥାଏ । କିନ୍ତୁ ଜନସଂଖ୍ୟାର ଅଭିବୃଦ୍ଧି ଅଧିକ ହେଲେ ତାହା ପରିସମ୍ପ ି ହେବା ପରିବ ର୍ େଦେଶ ପାଇଁ ବୋଝ ହୋଇଥାଏ । ଏଠାରେ ସୂଚନାଯୋଗ୍ୟ ଯେ, ଆମ ଦେଶର ଜନସଂଖ୍ୟା ୨୦୧୧ ମସିହାରେ ୧୨୧କୋଟି ଥିବାବେଳେ ନିକଟରେ ୧୪୨.୮୫ କୋଟିରେ ହୋଇଥିବା ବେଳେ ଚୀନର ଜନସଂଖ୍ୟା ୧୪୨.୫୭ କୋଟିରେ ଥିଲା । ଅପରପକ୍ଷରେ ସମଗ୍ର ପୃଥିବୀର ଭୂଭାଗର ମାତ୍ର ୨.୪ ପ୍ରତିଶତ ଭାରତରେ ଥିବା ସ୍ଥଳେ, ପ୍ରାୟ ୧୭.୫ ପ୍ରତିଶତ ଜନସଂଖ୍ୟା ଏଠାରେ ବସତି ସ୍ଥାପନ କରନ୍ତି । ଭାରତରେ ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁର, ହାଇଦରାବାଦ, କଲ୍‌କାତାର ଜନସଂଖ୍ୟା ଯଥାକ୍ରମେ ପ୍ରାୟ ୧ କୋଟି ୨୪ ଲକ୍ଷ, ୧କୋଟି ୧୦ ଲକ୍ଷ,୮୪ଲକ୍ଷ, ୬୮ଲକ୍ଷ, ୫୮ଲକ୍ଷ ରହିଛି। ସେହିପରି ଭାରତର ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ଉ ରପ୍ରଦେଶ ,ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ, ଓ ମଧ୍ୟପ୍ରଦେଶର ଜନସଂଖ୍ୟା ଯଥାକ୍ରମେ ୧୯ କୋଟି ୯୫ ଲକ୍ଷ, ୧୧କୋଟି ୨୩ ଲକ୍ଷ, ୧୦କୋଟି ୩୮ ଲକ୍ଷ, ୯କୋଟି ୧୩ ଲକ୍ଷ ଓ ୭କୋଟି ୨୫ ଲକ୍ଷ ରହିଛି । ଏଥିସହିତ ସର୍ବନିମ୍ନ ଜନସଂଖ୍ୟ ବିଶିଷ୍ଟ ରାଜ୍ୟ ମଧ୍ୟରେ ସିକିମ୍ ମିଜୋରାମ, ଅରୁଣାଚଳ ପ୍ରଦେଶ,ଗୋଆ, ନାଗାଲ୍ୟାଣ୍ଡର ଜନସଂଖ୍ୟା ଯଥାକ୍ରମେ ୬ ଲକ୍ଷ ୭ ହଜାର, ୧୦ ଲକ୍ଷ ୯୧ ହଜା, ୧୩ ଲକ୍ଷ ୮୨ ହଜା, ୧୪ ଲକ୍ଷ ୫୭ ହଜାର ଓ ୧୯ ଲକ୍ଷ ୮୦ହଜାର ରହିଛି । ସେହିପରି ଆମ ରାଜ୍ୟ ଓଡ଼ିଶା କଥା ଚିନ୍ତାକଲେ ସଂପ୍ରତି ଆମ ରାଜ୍ୟର ଜନସଂଖ୍ୟା ପ୍ରାୟ ୪.୭୦ କୋଟି ।ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଜନସଂଖ୍ୟା ବୃଦ୍ଧି ସମଗ୍ର ବିଶ୍ୱ ବିଶେଷ କରି ଆମ ଦେଶ ପାଇଁ ଚିନ୍ତାର କାରଣ ହୋଇଛି । ଯାହାକୁ ଅର୍ଥଶାସ୍ତ୍ରୀ ମାନେ ଜନ ବିସ୍ଫୋରଣର ଆଖ୍ୟା ଦେଇଛନ୍ତି ।ଆମ ଦେଶର ଜନ ସଂଖ୍ୟାର ଅଭିବୃଦ୍ଧିକୁ ଦେଖିଲେ ୧୯୨୧ ମସିହା ପରଠାରୁ ଜନ ସଂଖ୍ୟାର ଆକାର ବଢିବାରେ ଲାଗିଛି । ଏହି ଜନସଂଖ୍ୟା ବିସ୍ଫୋରଣ ଭାରତର ଅର୍ଥ ବ୍ୟବସ୍ଥା ସମ୍ମୁଖରେ ଏକ ବିରାଟ ଆହ୍ୱାନ, ଯାହାର ପ୍ରତିହତ ନିମନ୍ତେ ଆମକୁ ଏହା ସମ୍ପର୍କରେ ବିଶଦ୍ ଆଲୋଚନା ଏଠାରେ ପ୍ରଣିଧାନଯୋଗ୍ୟ । ଆକାର ଦୃଷ୍ଟିରୁ ଏହା ବିଶାଳ, ଅଭିବୃଦ୍ଧି ମଧ୍ୟ ଅତି ଉଚ୍ଚସ୍ତରର, ଏଣେ ଜନସଂଖ୍ୟାର ଗୁଣାତ୍ମକ ମାନ ମଧ୍ୟ ନିମ୍ନ ଧରଣର । ଏହି ପରିପ୍ରେକ୍ଷୀରେ ଜନ ବିସ୍ଫୋରଣ ଆର୍ଥିକ ବ୍ୟବସ୍ଥାରେ କି ପ୍ରଭାବ ପକାଇଛି, ତାହାର ବିଶ୍ଳେଷଣ ଏକାନ୍ତ ଆବଶ୍ୟକ । ଜନ ବିସ୍ଫୋରଣ ଦେଶରେ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାରକୁ ସ୍ୱଳ୍ପ କରେ। ୧୯୫୦-୧୯୫୧ ରୁ ୧୯୯୦-୧୯୯୧ ମଧ୍ୟରେ ଜାତୀୟ ଆୟର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ୪.୨୧ ପ୍ରତିଶତ ହୋଇଥିଲେ ହେଁ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର ମାତ୍ର ୨.୧୪ ପ୍ରତିଶତ ହୋଇଥିଲା । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଦେଶରେ ଖାଦ୍ୟଦ୍ରବ୍ୟ ପାଇଁ ଅଧିକ ଚାହିଦା ସୃଷ୍ଟି କରେ । ପ ବାର୍ଷିକ ଯୋଜନାକାଳ ମଧ୍ୟରେ ଦେଶର ମୋଟ ଖାଦ୍ୟଦ୍ରବ୍ୟ ଉତ୍ପାଦନ ପରିମାଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଁ ଦେଶ ଆତ୍ମନିର୍ଭରଶୀଳ ହେବାର ସଫଳତା ହାସଲ କରିଛି । ଏ ସବୁ ସ ୍ୱ ଦେଶରେ ଏବେ ମଧ୍ୟ ୨୭ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହି ଦୁଇବେଳା ଦୁଇମୁଠା ଖାଇବାକୁ ପାଆନ୍ତି ନାହିଁ । ଅନେକ ଶିଶୁ ପୁଷ୍ଟିହୀନତା ଓ ଖାଦ୍ୟାଭାବ ଜନିତ ରୋଗବ୍ୟାଧିର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ବୃଦ୍ଧିହାର ଦେଶର ସୀମିତ ଭୂମି ଉପରେ ଅଧିକ ଚାପ ସୃଷ୍ଟି ମଧ୍ୟ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୧୯୫୧ ରୁ ୨୦୧୧ ମଧ୍ୟରେ ଜଣପିଛା ଚାଷଜମି ୦.୯ ହେକ୍ଟରରୁ ୦.୩ ହେକ୍ଟରକୁ ହ୍ରାସ ପାଇଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦେଶରେ ବେକାରୀ ଓ ଅବିନିଯୋଗର ସମସ୍ୟା ସୃଷ୍ଟି ହୋଇଛି । ଯୋଜନା ଆୟୋଗ ହିସାବରୁ ଜଣାଯାଏ ଯେ, ୨୦୦୧ ମସିହା ସୁଦ୍ଧା ଦେଶରେ ବେକାରୀ ସଂଖ୍ୟା ୧୦୬ ନିୟୁତ ଥିଲା ।

ଜନସଂଖ୍ୟାର ଆକାର ବର୍ଷକୁ ବର୍ଷ ବିଶାଳ ହେବାଦ୍ୱାରା ଲୋକମାନଙ୍କୁ ଶିକ୍ଷା, ଚିକିତ୍ସା ତଥା ବାସଗୃହର ପର୍ଯ୍ୟାପ୍ତ ସବିଧା ସୁଯୋଗ ଦିଆଯାଇପାରୁ ନାହିଁ । ଏସବୁ ମାନବ ସମ୍ବଳ ବିକାଶ ନିମି ଆବଶ୍ୟକ । ଦେଶର ପ୍ରାୟ ୧୨ ପ୍ରତିଶତ ଲୋକଙ୍କର ବାସଗୃହ ନାହିଁ । ସାକ୍ଷରତା ହାର ୫୨.୧ ରୁ ୭୪.୦ ପ୍ରତିଶତକୁ ବୃଦ୍ଧି ପାଇଥିଲେ ମଧ୍ୟ (୧୯୯୧ - ୨୦୧୧), ଦେଶର ୨୪ ପ୍ରତିଶତରୁ ଅଧିକ ଲୋକ ନିରକ୍ଷର । ଚିକିତ୍ସାର ସୁବିଧା ମଧ୍ୟ ସମସ୍ତଙ୍କ ପାଇଁ ନାହିଁ । ଏସବୁ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କୁପରିଣାମ । ଜନ ବିସ୍ଫୋରଣ ପରିବେଶ ଓ ପର୍ଯ୍ୟାବରଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଜନସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ହେତୁ ନିଯୁକ୍ତି ଓ ଉଚ୍ଚଶିକ୍ଷା ଆଶାରେ ବହୁ ଲୋକ ଛୋଟ ଓ ବଡ ସହର ଆଡକୁ ଧାବମାନ ହେଉଛନ୍ତି । ସହରରେ ଛୋଟ ଛୋଟ ବସ୍ତି ଅନିୟନ୍ତ୍ରିତ ଭାବେ ଗଢିଉଠୁଛି । ସହରର ଜଳ, ରାସ୍ତା, ପରିବହନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଉପରେ ଚାପ ପଡୁଛି । ପରିବେଶ ଦୂଷିତ ହେଉଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ପର୍ଯ୍ୟାବରଣ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । ମଣିଷ ତଥା ପ୍ରକୃତି ମଧ୍ୟରେ ଥିବା ସମତୁଲ୍ୟତା ରକ୍ଷା କରାଯାଇ ପାରୁନାହିଁ । ଫଳରେ ତାପମାତ୍ରାରେ ବୃଦ୍ଧି, ବାତ୍ୟା, ବନ୍ୟା, ମରୁଡି ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ଦେଖାଦେଉଛି ।

ଜନସଂଖ୍ୟା ବୃଦ୍ଧି ଆମ ଦେଶର ପ୍ରଗତିର ପ୍ରଧାନ ଅନ୍ତରାୟ । ପରିବାର ନିୟୋଜନ, ନିରାପଦ ମାତୃତ୍ୱ , ଲିଙ୍ଗଗତ ସମାନତା ଓ ଜନ ସଶକ୍ତିକରଣ ଜରିଆରେ ଜନ ସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିପାରିଲେ ଏହାର ସୁଫଳ ମିଳିପାରିବ । ଏଦିଗରେ ସାମୁହିକ ଉଦ୍ୟମ ଲୋଡା । ଏକଥାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍ ।

*ଅବସରପ୍ରାପ୍ତ ଅଧ୍ୟାପକ,*
*ତି ିଲ, ଜଗତସିଂହପୁର*
*ମୋ - ୯୯୩୭୧୫୧୦୫୨*

# ସୁରକ୍ଷିତ ଗଣତନ୍ତ୍ର : ପରିବର୍ତ୍ତନ ଜନାଦେଶ



ଗୋପୀନାଥ ଦାଶ

ଜାତିର ଜନକ ମହାତ୍ମାଗାନ୍ଧି ଏକଦା କହିଥିଲେ – "ଗଣତନ୍ତ୍ରକୁ ସୁରକ୍ଷିତ ରଖିବାକୁ ହେଲେ ଗଣତନ୍ତ୍ରକୁ ସ୍ୱାଧୀନତା, ସ୍ୱାଭିମାନ ଓ ସେମାନଙ୍କର ଭିତରର ଗଭୀରତାକୁ ଅନୁଭବ କରିବାକୁ ହେବ ।" ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକମତ ସବୁଠାରୁ ବଡ଼ ଓ ଏହାର ଗୁରୁତ୍ୱ ସବୁଠୁ ଉର୍ଦ୍ଧ୍ୱରେ । ନିଜକୁ ଜୋରଜବରଦସ୍ତ ଅନ୍ୟମାନଙ୍କ ଉପରେ ଲଦିଦେଲେ ଏହାକୁ ବହୁତ ଦିନ ପର୍ଯ୍ୟନ୍ତ କେହି ଗ୍ରହଣ କରିପାରିବେ ନାହିଁ । ଓଡ଼ିଶାରେ ଚଳିତ ଥର ଜନମତ ବଦଳିବାକୁ ଯାଉଛି । ଦୀର୍ଘ ୨୫ ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡ଼ି ଆଜି ଯେଉଁଭଳି ସତ୍ତା ବିରୋଧୀ ଜନମତକୁ ସାମ୍ନା କରୁଛି ଏହା ପୂର୍ବରୁ କେବେ ଦେଖାଦେଇନଥିଲା । ବିଜୁ ଜନତା ଦଳ ବା ସେହିଭଳି ଯେକୌଣସି ଆଞ୍ଚଳିକ ଦଳର ଉତ୍ପତ୍ତି ଅତ୍ୟଧିକ କେନ୍ଦ୍ରୀୟ ନିୟନ୍ତ୍ରଣର ବିରୋଧରେ ପ୍ରତିବାଦ ହୋଇଥାଏ । ଦଳର ଏହି ତଥାକଥିତ ହାଇକମାଣ୍ଡ ବା ସର୍ବୋଚ୍ଚ ନେତୃତ୍ୱ ସବୁବେଳେ ଦଳକୁ ଓ ଦଳୀୟ ନିଷ୍ପତ୍ତିକୁ ନିଜ ଲଗାମରେ ରଖିବାକୁ ଚାହିଁଥାନ୍ତି । ବାସ୍ତବ କଥା ହେଉଛି ଆଞ୍ଚଳିକଗୁଡ଼ିକ ସ୍ଥାନୀୟ ସ୍ତରରେ ଲୋକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନେତୃତ୍ୱର ବିକେନ୍ଦ୍ରୀକରଣ କରିଥାନ୍ତି । ଯାହାଦ୍ୱାରା ଏକ ଆଞ୍ଚଳିକ ଆବଶ୍ୟକତା ଏହି ବିକେନ୍ଦ୍ରିତ ନେତୃତ୍ୱ ମାଧ୍ୟମରେ ପ୍ରତିଫଳିତ ହୋଇ ସମସ୍ୟାର ସମାଧାନ କରାଯାଇଥାଏ । ଲୋକମାନଙ୍କର ବିଶ୍ୱାସ ଥାଏ ଯେ ଲୋକପ୍ରତିନିଧି ବ୍ୟବସ୍ଥାରେ ଏସବୁ ସମ୍ଭବ ହୋଇଥାଏ । ଓଡ଼ିଶାରେ ବିଜୁବାବୁଙ୍କୁ ଜଣେ କିମ୍ବଦନ୍ତୀ ରାଷ୍ଟ୍ରନେତା, ଜନନେତା ଭାବେ ଗ୍ରହଣ କରାଯାଏ । କିନ୍ତୁ ତାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବାପାଇଁ ତିଆରି ହୋଇଥିବା ବିଜେଡ଼ିକୁ ସ୍ୱପ୍ନ ପୂରଣ ପାଇଁ ୨୫ ବର୍ଷ ଲାଗିଗଲା । ଭାରତରେ ବିଭିନ୍ନ ଆଞ୍ଚଳିକ ଦଳ ସେତେଟା ମଜବୁତ ହୋଇପାରିନାହିଁ । କାରଣ ଲୋକମାନେ ଶାସନରେ ଏକ ସଙ୍ଗଠିତ ସଶକ୍ତ ଓ ଲୋକପ୍ରିୟ ଜାତୀୟ ଦଳକୁ ଗ୍ରହଣ କରିଥାନ୍ତି । ଏହି କ୍ରମରେ ଦେଖିଲେ ଓଡ଼ିଶାରେ ବିଜେଡ଼ି କିନ୍ତୁ ଏକ ଅଦ୍ଭୁତ ପ୍ରସଙ୍ଗକୁ ସାମ୍ନା କରୁଛି । ବିଜୁବାବୁଙ୍କ ଦାୟାଦ ହିସାବରେ ନବୀନ ବାବୁ ହିଁ ବିଜେଡ଼ିର ସବୁକିଛି । କିନ୍ତୁ ଓଡ଼ିଶାବାସୀ ଜାଣନ୍ତି ଯେ ବିଜୁବାବୁ କେବଳ ନବୀନବାବୁ ନୁହଁ ରାଜନୀତିକୁ ତାଙ୍କ ପରିବାରରୁ କାହାକୁ ଆଣିବାକୁ ଚାହୁଁନଥିଲେ । ତେବେ ୨୫ ବର୍ଷ ଭିତରେ ନବୀନ ବାବୁ ତାଙ୍କ ପରବର୍ତ୍ତୀ ମୁରବୀ ଭାବେ ଦଳରେ କିମ୍ବା ଦଳ ବାହାରୁ କାହାକୁ ବି ପ୍ରସ୍ତୁତ କରିପାରିଲେ ନାହିଁ । ତେବେ ଏକ ବିଚିତ୍ର ମାନସିକ ଘଟଣାକ୍ରମରେ ଜଣେ ଅଣଓଡ଼ିଆ ଅଫିସର ଆଜି ରାଜ୍ୟ, ଦଳ ଓ ପ୍ରଶାସନକୁ ଚଳାଉଛନ୍ତି । ପ୍ରାୟ ୩୦ ବର୍ଷ ହେଲା ଦଳରେ ଯେ କି ଆଉ ନେତା ନାହାନ୍ତି ଏହା ବେଶ୍ ଜଳଜଳ ।

ରାଜନୀତିରେ ଶାସକ ଦଳ ପ୍ରାୟତଃ ସବୁବେଳେ ଭଲ ସ୍ଥିତି ଓ ସୁବିଧାରେ ଥାଆନ୍ତି । ଅଥଚ ଏ ଯାବତ ଦଳ ପ୍ରାର୍ଥୀ ସ୍ଥିର କରିପାରୁନି । ଅନ୍ୟ ଦଳରୁ ଆସିଥିବା ଆମଦାନି ନେତାମାନଙ୍କୁ ରାତାରାତି ଟିକେଟ ଦିଆଯାଉଛି । ଅଥଚ ବର୍ଷ ବର୍ଷ ଧରି ପାଟି ଫିଟାଉନଥିବା ଅଥଚ ନିଜ ଅଞ୍ଚଳରେ ଦଳ ପାଇଁ ଜି ଜାନ୍ ଲଗାଇ ଦେଇଥିବା ପୁରୁଣା କର୍ମୀମାନଙ୍କୁ ଆଉ ପଚାରୁନାହାନ୍ତି । ଯାହାଫଳରେ ଦଳରେ ଏକ ବିରାଟ ବିଦ୍ରୋହ ମଧ୍ୟ ସୃଷ୍ଟି ହେଲାଣି । ଓଡ଼ିଶାରେ ବିଜେଡ଼ି ଦଳ ଯାଜପୁରକୁ ତାର ଏକ ଗଡ଼ ଭାବେ ବାହାରକୁ ଚିତ୍ରିତ କରୁଥାଏ । ତେବେ ଏହି ନିର୍ବାଚନ ମଣ୍ଡଳୀର ଅନେକ ଗୁରୁତ୍ୱ ରଖୁଥିବା ବଡ଼ଚଣା ନିର୍ବାଚନ ମଣ୍ଡଳୀ କଥା ଏଠାରେ ଉଦାହରଣ ଭାବେ ରଖୁଛୁ । ବିଜେପି ଯଥେଷ୍ଟ ପୂର୍ବରୁ ତାର ପୁରୁଣା ପ୍ରାର୍ଥୀ ଅନୁଭବୀ, ଦକ୍ଷ, ନିଷ୍କଳଙ୍କ ଓ ଯୁବ ଚେହେରା ଅମର ନାୟକଙ୍କୁ ପ୍ରାର୍ଥୀ କରିସାରିଛି । କିନ୍ତୁ ଏଠାରେ ବିଜେଡ଼ି ପକ୍ଷରୁ ପ୍ରାର୍ଥୀ ଚୂଡ଼ାନ୍ତ ହୋଇପାରୁ ନାହିଁ । ବର୍ତ୍ତମାନର ବିଧାୟକ ପ୍ରାର୍ଥୀ ହେବେ କିମ୍ବା ତାଙ୍କ ପୁଅଙ୍କ ପାଇଁ ଟିକେଟ ନେବେ କିମ୍ବା ଅନ୍ୟ କେହି ପାଇବେ ଏପରିକି କିଛି ସମୟ ତଳୁ କଂଗ୍ରେସରୁ ଡେଇଁଥିବା ଜଣେ ବଡ଼ ନେତାଙ୍କ ପୁଅ ଟିକେଟ ପାଇବେ କି ଅନ୍ୟ କିଏ ପାଇବେ ତାହା ଏଯାବତ୍ ସମାଧାନ ହୋଇପାରୁ ନାହିଁ । ରାଜ୍ୟ ସାରା ଅନେକ ନିର୍ବାଚନ ମଣ୍ଡଳୀର ପରିସ୍ଥିତି ଏହିପରି ରୋଚକ ମୋଡ଼ରେ ପହଞ୍ଚିଛି । ଏ କ୍ଷେତ୍ରରେ କିନ୍ତୁ ବିଜେପି ବେଶ୍ ଆଗୁଆ । ରାଜନୈତିକ ସମୀକ୍ଷକଙ୍କ କହିବା ଅନୁଯାୟୀ ବିଜେଡ଼ିର ଦଳର ମୁଖିଆ କେବଳ ମୁଖିଆ ହୋଇ ରହିଯାଇଛନ୍ତି । କିନ୍ତୁ ଅଣଓଡ଼ିଆ ଛାୟାମୁଖିଆଙ୍କ ଦର୍ଶନ କାହାଙ୍କୁ ସହଜେ ମିଳେନାହିଁ । ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କଠାରୁ ଦୂରେଇ ରହିବା ସହ ଦଳର ଲୋକମାନେ ତାଙ୍କୁ ସାକ୍ଷାତ୍ କରିପାରୁ ନାହାଁନ୍ତି । କି ବିଚିତ୍ର ପରିସ୍ଥିତି ଟିକିଏ ଲକ୍ଷ୍ୟ କରନ୍ତୁ । ଦଳ ଛାଡୁଥିବା ଲୋକମାନେ କହୁଛନ୍ତି ଯେ ଦଳରେ ଗଣତନ୍ତ୍ର ବୋଲି କିଛି ନାହିଁ । ଏହାହିଁ ସବୁଠାରୁ ବଡ଼ କଥା । ସେମାନଙ୍କ କହିବା ଅନୁଯାୟୀ ଦଳ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ କୋଟେରୀ ଦ୍ୱାରା ପରିଚାଳିତ । ଭାରତୀୟ ଗଣତନ୍ତ୍ରରେ ଏବଂ ସମ୍ବିଧାନର ବିଧିବ୍ୟବସ୍ଥାରେ ଛାୟା ମୁଖ୍ୟମନ୍ତ୍ରୀ ବା କା' ମୁଖ୍ୟମନ୍ତ୍ରୀ ବ୍ୟବସ୍ଥା ନାହିଁ । ତେଣୁ ଓଡ଼ିଶାରେ ଶାସନ ବ୍ୟବସ୍ଥା କିପରି ଯେ ଚାଲିଛି ଏହା ଭାତହାଣ୍ଡିରୁ ଗୋଟିଏ ପରି । ଏହା ପୂର୍ବରୁ ଓଡ଼ିଶାରେ ଏକ ଅଭୂତପୂର୍ବ ଘଟଣା ଦେଖିବାକୁ ମିଳିଥିଲା । ମୁଖ୍ୟମନ୍ତ୍ରୀଙ୍କ ସଚିବ ରାଜ୍ୟ ତମାମ ହେଲିକେପଟରେ ଗସ୍ତକରି ପ୍ରତିଟି ଜିଲ୍ଲାରେ ପହଞ୍ଚି ଲୋକମାନଙ୍କଠାରୁ ସମସ୍ୟାର ନିବେଦନ ଓ ଆବେଦନ ଗ୍ରହଣ କରୁଥିଲେ । ଆଜି ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ତରଫରୁ କୌଣସି ସଚିବ ଭାରତର କୌଣସି ରାଜ୍ୟରେ ଏପରି ଦାୟିତ୍ୱ ନିର୍ବାହ କରିନାହାନ୍ତି । କୁହାଗଲା ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଲୋକମାନଙ୍କ ପାଖକୁ ପହଞ୍ଚି ସେମାନଙ୍କ ସୁବିଧା ଅସୁବିଧା ବୁଝିଥିଲା । ତାହାହେଲେ ଏଠି ସ୍ୱାଭାବିକ ପ୍ରଶ୍ନ ଉଠିବ ଶାସନ ବ୍ୟବସ୍ଥାରେ ସ୍ଥାନୀୟ ଲୋକମାନଙ୍କ ସୁବିଧା ଅସୁବିଧା ବୁଝିବା କ'ଣ ପୂର୍ବରୁ ସମ୍ଭବ ହେଉନଥିଲା କି ? ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଥାଇ ଦଳୀୟ କଥାରେ ଓ କାର୍ଯ୍ୟରେ ସେ ମୁଣ୍ଡ ପୁରାଇ ଏକପ୍ରକାର ସର୍ବେସର୍ବା ହୋଇଗଲେ । କେନ୍ଦ୍ରଠାରୁ ଅପର୍ଯ୍ୟାପ୍ତ ସହଯୋଗ ପାଇ ଆଉ ଚିରାଚରିତ ଶୁଆ ଘୋଷିଲା ପରି "କେନ୍ଦ୍ରୀୟ ଅବହେଳା" ବାଣୀ ଆଉ ଲୋକମାନଙ୍କୁ ଶୁଣାଇବା ସମ୍ଭବ ନୁହଁ । କାରଣ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ଓଡ଼ିଶା ଅପର୍ଯ୍ୟାପ୍ତ ଓ ଆଶାତୀତ ଅନୁଦାନ, ସହଯୋଗ ଓ ପ୍ରକଳ୍ପ ପାଇଛି, ପାଉଛି ଓ ପାଇବ ମଧ୍ୟ । ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେଉଁ ପ୍ରକାର ଓ କିଭଳି ଭଲ ପାଆନ୍ତି ତାର ପ୍ରମାଣର ତାଲିକା ଓଡ଼ିଶାବାସୀଙ୍କୁ ବେଶ୍ ଜଣା । ତେଣୁ ଏକ ପରିବର୍ତ୍ତିତ ଓଡ଼ିଶାର ଶାସନ ବ୍ୟବସ୍ଥା ପାଇଁ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଜନମତକୁ ଗୁରୁତ୍ୱ ଦେବା ସହ ଏକ ନୂଆ ଓଡ଼ିଶା ଗଠନରେ ଆମ ସମସ୍ତଙ୍କର ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ପାଳନ କରିବା ଅତ୍ୟନ୍ତ ବାଞ୍ଛନୀୟ ।

*ବରଦା, ବାଲିଚନ୍ଦ୍ରପୁର, ଯାଜପୁର*
*ଦୂରଭାଷ : ୮୮୯୫୨୯୬୧୬୭*

# ଅଭିଶପ୍ତ ଜୀବନ



ପଙ୍କଜ କୁମାର ପାଣିଗ୍ରାହୀ

ମଣିଷକୁ ପ୍ରକୃତି ଯାହା କରିଛି ସେଥିରୁ ବ୍ୟତିକ୍ରମ ଜୀବନ ବଂଚିବା ଅଭିଶପ୍ତ ଜୀବନ ।

ବ୍ୟତିକ୍ରମ ହୁଏ କାହିଁକି ଏବଂ ତା ପାଇଁ ମଣିଷ ନିଜେ ଦାୟୀ ନା ଜନ୍ମଦାତ୍ରୀ ପ୍ରକୃତି ? ବିଚାର କରିବା...

ନିଜର ଜନ୍ମ ଓ ଜୀବନ ରହସ୍ୟ ବୁଝିବାରେ ଅକ୍ଷମ ମଣିଷ, ସମୟ ସ୍ରୋତରେ ନିଜକୁ ପରିଚାଳିତ କରୁଥିବା ଶୈଖିକ ଜୀବନଧାରଣ ଶୈଳୀରେ ନିମଗ୍ନ ଆଜିର ସାଧାରଣ ଲୋକେ ଜାଣ ି ନାହିଁ ମଣିଷ ଜୀବନର ପ୍ରାକୃତିକ ଉପଲବ୍ଧି । ଜୀବନକୁ ଏକ ପ୍ରତ୍ୟାବ ି ତ ଢଙ୍ଗରେ ଅନୁଭବ କରିବା ସାଧାରଣ ମଣିଷର ନିଜସ୍ୱ ଅନୁଭୂତି କିମ୍ବା ସ୍ୱଜ୍ଞାନ ଜନିତ ଭାବଧାରା ନୁହେଁ । ମଣିଷର ଜ୍ଞାନ ସୃଷ୍ଟି ହେବା ସମୟରୁ ଏହା ଏକ ସାମାଜିକ ଶୈଖିକ ଚରିତ୍ର ଭାବେ ପ୍ରଚଳିତ ହୋଇ ଆସୁଅଛି ଯାହା ସମଗ୍ର ଜନମାନସକୁ ଅସ ୍ଳିତ, ଆନ୍ଦୋଳିତ କରି ରଖିଛି ଅଦ୍ୟାବଧି । ସାଧାରଣ ମଣିଷ ସମୂହଙ୍କ ମଧ୍ୟରେ କେତେକ ପ୍ରାକୃତିକ ବିଚକ୍ଷଣ ଚତୁର ମଣିଷଙ୍କ ଜନ୍ମ ରହସ୍ୟ ବିଷୟରେ ମଧ୍ୟ ବୁଝିଛ ି କେତେଜଣ ଯେ ତାକୁ ସମୀକ୍ଷା କରି ସାର୍ବଜନୀନ କରିହେବ ?! ମଣିଷ ସବୁବେଳେ ନିଜକୁ ଅନ୍ୟ ସହିତ ତୁଳନାତ୍ମକ ବିଚାର ରଖି ଯାହା ସବୁ କରି ଚାଲିଛି ସେଗୁଡିକର ଉପଯୁକ୍ତ ସମୀକ୍ଷା ଜ୍ଞାନ ରହିତ ସାଧାରଣ ମଣିଷଙ୍କ ଜୀବନ ଶୈଳୀ ଗୋଟିଏ ଗୋଟିଏ ଅଭିଶପ୍ତ ଜୀବନ ଭଳି ବଂଚୁଥିବା ଜାଣିହେବ ସୂକ୍ଷ୍ମ ଅନୁଧାନ କଲେ । ଜୀବନର ପ୍ରକୃତ ସୁଖ ଅନୁଭବ ଏକ ଅସୀମୀଚୀନ ବିଷୟରେ ରହିଯାଇଛି ମଣିଷ ମନରେ ଯାହାର କୌଣସି ବ୍ୟବଚ୍ଛେଦ ନାହିଁ କିମ୍ବା ପ୍ରକୃତ ବିଶ୍ଳେଷଣ ନାହିଁ କେଉଁଠାରେ । କେବଳ ସ୍ୱାର୍ଥାନ୍ଧଙ୍କ ପ୍ରରୋଚନାରେ ନିର୍ବୋଧଙ୍କ ଜୀବନ ବଂଚିବା ଶୈଳୀରେ ପରିଚାଳିତ ଆଜିର ସମାଜରେ ସାଧାରଣ ମଣିଷଙ୍କ ଅସହ୍ୟ ଯନ୍ତ୍ରଣାର ଉପଶମ ହେବା ପରିବ ର୍ େଦିନକୁ ଦିନ ଜଟିଳ ପରିସ୍ଥିତି ଆଡ଼କୁ ମୁହାଁଉଥିବା ମଣିଷ ଜୀବନରେ ଶା ି ଅନୁଭବ ହେବ କିପରି ଏବଂ କେବେ ?! ଏକ ପ୍ରଶ୍ନବାଚୀ ହୋଇ ରହିଯାଇଅଛି ସମସ୍ତଙ୍କ ମନରେ ଅଦ୍ୟାବଧି.....

ଅଭିଶପ୍ତ ଜୀବନ ଅର୍ଥ କ'ଣ ?? ପୌରାଣିକ ଚେତନାରେ ଆଧାରିତ କେତେକ ବିଷୟରେ ମୁନି, ଋଷିଙ୍କ ଦ୍ୱାରା ଅଭିଶାପ ଦିଆଯାଉଥିବା ବର୍ଣ୍ଣନା ପ୍ରାୟତଃ ସମସ୍ତେ ଜାଣିଥିବେ । କୌଣସି ଅକ ର୍ ବ୍ୟ କଲେ ସେମାନେ ଅଭିଶାପ ଦେଇ କୁସଂସ୍କାରୀକୁ ଦଣ୍ଡିତ କରୁଥିବା ଆମେ ଶୁଣିଛେ । ଅର୍ଥାତ ଜଣେ ମଣିଷ ଯଦି କୌଣସି ଅମାନବୀୟ କିମ୍ବା ଅନ୍ୟକୁ ଆଘାତ କରିବା ଭଳି କାର୍ଯ୍ୟ କରେ ତାହେଲେ ତାକୁ ଅଭିଶାପ ଦିଆଯାଉଥିଲା ଯାହା ସେହି ମଣିଷ ପାଇଁ ଏକ କଠୋର ପରିସ୍ଥିତି ସୃଷ୍ଟି କରୁଥିବା କୁହାଯାଏ । ଆଜିର ମଣିଷ କି'ୁ କାହାଠାରୁ ଅଭିଶାପ ପାଉଛି ଅଥବା ଅଭିଶପ୍ତ ଜୀବନ ବିତାଉଛି ବୋଲି କହିବାର ତାତ୍ପର୍ଯ୍ୟ କ'ଣ ? ବିଚାର କରି ଦେଖିବା...

ଆଜି ଆଉ ମୁନି, ଋଷି ନାହାଁ ି କିମ୍ବା ସେହିଭଳି କୌଣସି ପରିସ୍ଥିତି ସୃଷ୍ଟି ହେଉନାହିଁ ଯାହା ପୁରାଣରେ ବର୍ଣ୍ଣିତ । ମଣିଷ କି'ୁ ସେହି ମୁନି, ଋଷିଙ୍କ ଅଭିଶାପ ଠାରୁ ଆହୁରି କଠୋର ପରିସ୍ଥିତିର ସାମ୍ନା କରି ବଂଚୁଛି ଯାହା ସମସ୍ତଙ୍କ ପାଇଁ ବ୍ୟାପକ କଷ୍ଟକର ହୋଇପଡୁଛି । ହେଲେ ମଣିଷର ଦୁଃଖ ଦୁର୍ଦ୍ଦଶା ପାଇଁ ଦାୟୀ କିଏ ? ଜନ୍ମଦାତ୍ରୀ ପ୍ରକୃତି ସେହିଭଳି କୌଣସି ହିଂସାତ୍ମକ ପରିବେଶ ସୃଷ୍ଟି କରୁଛି ନା କୌଣସି ସାମାଜିକ ସଂଯୋଜିତ କାରଣରୁ ମଣିଷ ଦୁଃଖ ପାଉଛି ବା ସୁଖର ଅନୁଭବ କରିପାରୁ ନାହିଁ ?! ବାସ୍ତବିକ ଦେଖିବାକୁ ଗଲେ ସେମିତି କୌଣସି ପ୍ରାକୃତିକ ପରିବେଶ ଅପେକ୍ଷା ମଣିଷର ନିଜସ୍ୱ କର୍ମରୁ ହିଁ ସୁଖ, ଦୁଃଖର ଅନୁଭବ ହୋଇଥାଏ ଯାହା ହୁଏତ ମଣିଷ ସଠିକ୍ ରୂପେ ଆକଳନ, ସମୀକ୍ଷା କରିପାରୁନାହିଁ । ସେହି କାରଣରୁ ଅନେକ ସମୟରେ ମଣିଷ କୌଣସି ସାମାଜିକ ସଂଯୋଜିତ କୃତ୍ରିମ ସୁଖକୁ ହିଁ ପ୍ରକୃତ ସୁଖ ବୋଲି ବିଚାରି ନିଜର ଜନ୍ମ ତଥା ମଣିଷ ଜୀବନର ପ୍ରକୃତ ସୁଖ ଅନୁଭବ କରିବାରେ ଅକ୍ଷମ ରହୁଥିବା ଜାଣିହେବ ଅନୁଧ୍ୟାନ କଲେ ।

ନିଜସ୍ୱ ଅ ର୍ଜ୍ଞାନ ତଥା ବିବେକ ଚାଳିତ ଜୀବନଧାରା ମଣିଷକୁ ସତ୍ୟ / ଅସତ୍ୟର ପଥ ପ୍ରଦର୍ଶିତ କରିବାରେ ସାହାଯ୍ୟ କରିଥାଏ । ଅନ୍ୟ ଉପରେ ନିର୍ଭର କରି କିମ୍ବା କାହାକୁ ଅନୁସରଣ / ଅନୁକରଣ କରି ନିଜର ଜୀବନପଥ ଅତିକ୍ରମ କରୁଥିବା ମଣିଷକୁ ଲୁଣ୍ଠିତ / ପ୍ରତାରିତ ହେବାକୁ ପଡିବ ନିଶ୍ଚୟ । କାରଣ ଯଦି ଆମେ ଆଜି ସମୟର ପରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧାନ କରିବା ତାହେଲେ କିଂଚିତ ବୁଝିହେବ ଯେ ଆଜି ଆମେ ଯାହାସବୁ ଶିକ୍ଷା / ପ୍ରେରଣା ପାଉଛେ ସେସବୁ ଗୁଡିକ କେବଳ ବ୍ୟବସାୟ ଭି ିକ ପ୍ରଚାର, ପ୍ରସାର ବ୍ୟତୀତ ଜଣେ ଅନ୍ୟ ଜଣଙ୍କୁ କୌଣସି ମତେ ସାହାଯ୍ୟ, ସହାନୁଭୂତି କିମ୍ବା ଦୟା, ପ୍ରେମର ଭାବ ରଖି କୌଣସି ବିଷୟ / ବସ୍ତୁ ପ୍ରଦାନ କରିନଥା ି । ଏମିତିକି ଯାହାଙ୍କୁ ଧର୍ମଗୁରୁ କିମ୍ବା ଯୋଗଗୁରୁ ବୋଲି ମଣିଷ ଗ୍ରହଣ କରିଥାଏ ସେମାନେ ମଧ୍ୟ ଗୋଟିଏ ଗୋଟିଏ ବ୍ୟାପାରୀ ଯାହାଙ୍କ ଧନରାଶିର ଅଭିବୃଦ୍ଧି ବ୍ୟାଖ୍ୟା କଲେ ହୁଏତ ଆମର ଚେତା ହଜିଯିବ ! କାରଣ କିଛି ଦିନ ତଳର ଜଣେ ସାଧାରଣ ଭିକାରି ସ୍ତରର ମଣିଷ ଆଜି ନିଜକୁ ନିଜେ ଜଣେ ଧର୍ମଗୁରୁ କିମ୍ବା ଯୋଗଗୁରୁ ସାଜି ଖୁବ୍ କମ୍ ଦିନ ମଧ୍ୟରେ ହଜାର ହଜାର କୋଟି ଟଙ୍କାର ମାଲିକ ହୋଇ ପାରୁଥିବା ନମୁନା ଗୁଡିଏ କିଛି କମ୍ ଦେଖିବାକୁ ମିଳ ି ନାହିଁ ଆମ ଦେଶରେ ଯାହାର ବିଶେଷ ବିଶ୍ଳେଷଣ କରାନଗଲେ ମଧ୍ୟ ପ୍ରାୟତଃ ସମସ୍ତେ ବୁଝି ପାରୁଥିବେ ।

ଏମାନଙ୍କ ବ୍ୟତୀତ ସମାଜକୁ ଅନ୍ୟାନ୍ୟ ପ୍ରେରଣାଦାୟୀ ରହିଥା ି କେତେକ ଚିକିତ୍ସା କ୍ଷେତ୍ରର ମଣିଷ, ବ୍ୟବସାୟୀ, ରାଜନେତା ତଥା ଆହୁରି ଅନେକ ଗୋଷ୍ଠୀ ଯେଉଁମାନେ ଅହରହ ସେମାନଙ୍କ ବଡ଼ିମା ପ୍ରଦର୍ଶନ ପୂର୍ବକ କେବଳ ବ୍ୟବସାୟ ଭି ିକ ଷଡ଼ଯାନ୍ତ୍ରୀକ ପ୍ରରୋଚନା ବିତରଣ କରି ସମାଜରେ ନିଜର ପତିଆରା ବିସ୍ତାର କରିବା ସହିତ ଆର୍ଥିକ ସମ୍ଭାର ଅଭିବୃଦ୍ଧି ଲକ୍ଷ ରଖି ଅନେକ ସମୟରେ ମତିଭ୍ରମ କରିଥା ି ସାଧାରଣ ଲୋକଙ୍କ । ସେହି କୁଚକ୍ରରେ ପଡି ସାଧାରଣ ମଣିଷଟିଏ ନିଜର ହାଡଭଙ୍ଗା ପାରିଶ୍ରମିକରୁ ଅଧିକାଂଶ ଭାଗ ବ୍ୟୟ, ବିତରଣ କରିଥା ି ଏହି ବ୍ୟବସାୟ ଚି ାଧାରା ସଂଶ୍ଳିଷ୍ଟ ଗୋଷ୍ଠୀ ମାନଙ୍କୁ ଯାହା ସେମାନଙ୍କୁ ସବୁବେଳେ ସତ୍ୟର ପଥ ଖୋଜିବାରେ ବାଧକ ହୋଇ ରହିଯାଏ ଜୀବନ ସାରା । ଏହି କ୍ରମରେ ଜଣେ ସାଧାରଣ ନିର୍ବୋଧ ମଣିଷ ଯେ ନିଜକୁ ଅସ ୍ଳିତ ଅବସ୍ଥାରେ ରଖି ଜୀବନ ଅତିବାହିତ କରିବାକୁ ପଡିଥାଏ ଜୀବନ ସାରା । ଏହାହିଁ ଅଭିଶପ୍ତ ଜୀବନ ଯାହାକୁ ମଣିଷ ସମୟ ପାଏନାହିଁ ସମୀକ୍ଷା କରିବା ପାଇଁ ଏବଂ ସେତିକି ସଚେତନତା ସୃଷ୍ଟି କରିପାରେ ନାହିଁ ନିଜକୁ ସମ୍ଭାଳିବା ପାଇଁ ସାରା ଜୀବନ ଯାହାଦ୍ୱାରା ଗୋଟିଏ ଅଭିଶପ୍ତ ଜୀବନ ବଂଚିବା ଭଳି ଜୀବନ ଶେଷ କରିବାକୁ ପଡିଥାଏ ସାଧାରଣ ମଣିଷ ମାନଙ୍କୁ ଯାହା ମନରେ ଛନ୍ଦ, କପଟ, ଇର୍ଷା, ଦ୍ୱେଷ ଆଦି ଲକ୍ଷଣ ସୃଷ୍ଟି ହୋଇପାରେ ନାହିଁ ଯାହା ଆଜି ସମୟର ପରିସ୍ଥିତି, ପରିବେଶ ଆଚ୍ଛାଦିତ କରି ରଖିଛି ଆମ ସମସ୍ତଙ୍କୁ ।

କୁଚକ୍ରୀଙ୍କ ସମୟ ଚକ୍ରରେ ନିଜକୁ ସମା ାଳ କରି ଆମେ ଜୀବନରେ ସୁଖ ଆଶା କରିବା ଏକ ଅଲୌକିକ ବିଷୟ ମଧ୍ୟରେ ସମାହିତ ଆଜିସମୟରେ ଯାହାକୁ ବ୍ୟବଚ୍ଛେଦ କରିବା ଅତ୍ୟ ଜଟିଳ ବିଷୟ ଜଣେ ସାଧାରଣ ମଣିଷ ପାଖରେ । କାରଣ ବ୍ୟାପକ ଦିଗରେ ସେମାନଙ୍କ ଚକ୍ରା ସମ୍ପୂର୍ଣ୍ଣ ଭାବେ ମଣିଷ ମସ୍ତିଷ୍କକୁ ଆଚ୍ଛାଦିତ କରି ରଖିଛି ଯାହାର ପରିଣାମ ସ୍ୱରୂପ ସମସ୍ତ ମିଥ୍ୟାକୁ କେବଳ ସତ୍ୟ ବୋଲି ବିବେଚନା/ ଅଧିଗ୍ରହଣ କରିଥା ି ସାଧାରଣ ନିର୍ବୋଧ, ନିଚ୍ଛନ୍ଦ ମଣିଷ ସମୂହ । ଗୋଟିଏ ଦିଗରେ ସେମାନଙ୍କୁ ମାନସିକ ସ୍ତରରେ ଦୁର୍ବଳ ତଥା ବିଚଳିତ କରି ମଣିଷ ଜୀବନର ପ୍ରାକୃତିକ ଆନନ୍ଦ ଉପଭୋଗରୁ ନିବୃ ରଖିବା ସହିତ ଲୋକଙ୍କ ପାରିଶ୍ରମିକକୁ ଲୁଟି ସେମାନଙ୍କ ସାମାଜିକ ତଥା ପାରିବାରିକ କ୍ଳେଷକୁ ଗଭୀର କରି ନିଜର ସ୍ୱାର୍ଥ ହାସଲ କରି ନିଜକୁ ପ୍ରତିଷ୍ଠିତ କରିବା ଲକ୍ଷ ରଖିଥିବା ହାତଗଣତି କେତେକ କୁଚକ୍ରୀଙ୍କ ଦ୍ୱାରା ଆଜି ସମଗ୍ର ମାନବ ସମାଜ ଏକ ଅଭିଶପ୍ତ ଜୀବନ ବଂଚୁଛ ି କେମିତି ଏବଂ କାହିଁକି ମଧ୍ୟ ବିଚାର, ବିଶ୍ଳେଷଣ ନାହିଁ କାହାରି ପାଖରେ । କେବଳ ମିଥ୍ୟା ପ୍ରରୋଚନାରେ ସେମାନଙ୍କ ଜୀବନକୁ ସରଳ ସୁନ୍ଦର କରିବାର ମଧୁର ବାଣୀ ପ୍ରଦାନ କରି ସମସ୍ତଙ୍କୁ ବାସ୍ତବରେ ଦୁଖୀ କରି ରଖାଯାଇଥିବା ଅନୁଭବ ମଧ୍ୟ କରିପାର ି ନାହିଁ କେହି । ଏସବୁ କୌଣସି ମୁନି ଋଷିଙ୍କ ଅଭିଶାପ ନୁହେଁ କି ଜନ୍ମଦାତ୍ରୀ ପ୍ରକୃତିର ପ୍ରକୋପ ନୁହେଁ ବରଂ ମଣିଷର ନିଜସ୍ୱ ଅଜ୍ଞାନତା / ସଂକୁଚିତ ବିଚାରଧାରା ଜନିତ ମାତ୍ର । ତେଣୁ ସବୁ ମଣିଷ ଯେତେଦିନ ପର୍ଯ୍ୟ କାହାକୁ ଅନୁସରଣ / ଅନୁକରଣ ନକରି କେବଳ ନିଜସ୍ୱ ଜ୍ଞାନ / ବିଚାରଧାରାରେ ବଂଚିବା ନଶିଖିବେ ସେପର୍ଯ୍ୟ ମଣିଷ ଏମିତି ଅଭିଶପ୍ତ ଜୀବନ ବଂଚିବାକୁ ହିଁ ପଡିବ ବୋଲି ଆମର ବିଚାରରେ ଆପଣଙ୍କ ଅନୁଭବ କ'ଣ...??!

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗାମ-୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*

# ସଂସାରେ ଥିବା ଯେତେ ଦିନ....



ରାମଚନ୍ଦ୍ର ପାତ୍ର

ଭାଗବତରେ ଏକ ଧାଡ଼ି ଏବେ ମନେପଡ଼ିଯାଉଛି - 'ସଂସାରେ ଥିବା ଯେତେ ଦିନ, ଆନନ୍ଦରେ ବିତୁଥିବା ଦିନ' । ଆଜିର ଧାଁ ଧଉଡ଼ ବସ୍ତୁସର୍ବସ୍ୱ ସମୟରେ ସତରେ କଣ ଆମ୍ଭେମାନେ ସଂସାରରେ ଆନନ୍ଦରେ ରହି ପାରୁଛେ ? କିଛିଦିନ ତଳେ ସୁଦୂର କଟକରୁ ମୋ ମାଟ୍ରିକ ବ୍ୟାଚମେଣ୍ଟ ଅନୁପମାଙ୍କ ସ୍ୱାମୀ ସୁଶାନ୍ତ ଭାଇ ଆମ ବାଲିଗୁଡ଼ା ଆସିଥିଲେ । ସପରିବାର ସେ ଆସିଥିଲେ । ତାଙ୍କୁ ଗୋଟିଏ ବର୍ଷ ଭିତରେ ଚାରି ଚାରି ଥର ଏହି ବାଲିଗୁଡ଼ାରେ ଭେଟିବାର ସୁଯୋଗ ପାଇଛି । ତାଙ୍କ ସହିତ ଭଲ ଭାବେ ମିଶିଛି ମଧ୍ୟ । ସେ ମୋ କ୍ଲାସମେଟ ନୁହଁନ୍ତି କି ମୋର କୌଣସି ପୂର୍ବ ପରିଚିତ ନଥିଲେ । ତାଙ୍କ ଗୋଟିଏ କଥା ମୋତେ ଅତ୍ୟନ୍ତ ଖୁସି ଦେଇଥିଲା । ତାହାଥିଲା ତାଙ୍କ କହିବା ମୁତାବକ 'ମୁଁ ସଂସାରରେ ଜଣେ ଖୁସିରେ ରହୁଥିବା ଲୋକ' । କଥାଟି ମୋତେ ଆଦୌ ସହଜ ଲାଗିନଥିଲା । ବୃତ୍ତିଗତ କ୍ଷେତ୍ରରେ ସେ ଜଣେ ସାମ୍ବାଦିକ ଓ ଆଇନଜୀବୀ ମଧ୍ୟ । ଏପରି ବୃତ୍ତିରେ ତଥାକଥିତ ସମାଜରେ ଜଣେ ଧର୍ନାଢ଼୍ୟ, ବାହୁବଳୀ ଓ ପ୍ରତିପତ୍ତିଶାଳୀ ନ ହୋଇ ମଧ୍ୟ ସାଧାରଣ ଜୀବନରେ ଖୁସିରେ ଜୀବନ ବିତାଇବା ଏକ କମ ବଡ଼ କଥାନୁହେଁ । ବାଲିଗୁଡ଼ା ସହରରେ ଆମର ଏକ ସର୍ବବୃହତ୍ତ ଯୌଥ ପରିବାର । ଆମେ ସବୁ ଭାଇମାନେ ବ୍ୟବସାୟ ସହ ସମ୍ପୃକ୍ତ । ମୋର ବାଲିଗୁଡ଼ାରେ ଦୁଇଜଣ ବନ୍ଧୁ ବିଚିତ୍ରାନନ୍ଦ ଡାକନାମ ଟୁନା ହୋଟେଲ ବ୍ୟବସାୟରେ ବେଶ ସଫଳ ଏବଂ ଆଉ ଜଣେ ବନ୍ଧୁ ରାଜକିଶୋର ଜଣେ ଲୋକପ୍ରିୟ ଓ ଉଦ୍ୟୋଗୀ ଚାଷୀ ଭାବେ ମଧ୍ୟ ସଫଳ । ଆମ୍ଭେମାନେ ଜୀବନରେ ଖୁସିକୁ ଅନୁଭବ କରିବା ପୂର୍ବରୁ ସୁଶାନ୍ତ ଭାଇଙ୍କ କଥାଟି ମନେ ପକାଇ ଦେଉ । ବାଲିଗୁଡ଼ାରେ ସେ ଆସିବା ଭିତରେ ଏହି କିଛିଦିନ ତଳେ ଏକ ଛୋଟକାଟିଆ ବନ୍ଧୁ ମିଳନ କରିଥିଲୁ । କିଛି ସାଙ୍ଗ ରାଜକିଶୋରର ଫାର୍ମ ହାଉସରେ ଭୋଜି ଭିତରେ ପୁରୁଣା ଦିନର ସମ୍ପର୍କକୁ ସବୁ ଖୋଜିଥିଲୁ । ଖୁସି ପାଇବା ଓ ଆନନ୍ଦରେ ରହିବା ଆଜିର ସମୟରେ ନିଶ୍ଚିନ୍ତ ଭାବେ ଏକ ବିରାଟ ବଡ଼ ଆହ୍ୱାନ । ପ୍ରତିଦିନ, ପ୍ରତିମୁହୂର୍ତ୍ତରେ ଆମ୍ଭେମାନେ ଆମ ତେଲ ଲୁଣର ସଂସାର ଆଉ ବୃତ୍ତିଗତ ଜୀବନକୁ ନେଇ ନିଶ୍ଚିନ୍ତ ଭାବେ ବ୍ୟସ୍ତ ରହିଥାଉ । ପରିବାରରେ ଦାୟିତ୍ୱର ବ୍ୟବସ୍ଥା ସେପଟେ ବୃତ୍ତିଗତ କ୍ଷେତ୍ରରେ ଧାଁ ଧଉଡ ଆଉ ଚାପ ଏସବୁ ଭିତରେ ଖୁସି ଓ ଶାନ୍ତି ନିଶ୍ଚିନ୍ତ ଭାବେ ଏକ ବହୁତ ବଡ଼ ପ୍ରାପ୍ତି । ଅନେକ ଭାବୁଥିବେ ଏ ସମାଜରେ ଯେଉଁମାନେ ତଥା କଥିତ ଭାବେ ଅଜସ୍ର ସମ୍ପତ୍ତିର ମାଲିକ ପ୍ରଭୁତ କ୍ଷମତାର ଡୋରି ତାଙ୍କ ପାଖରେ ଥାଏ ତାଙ୍କ ପାଖରେ, ବାହୁବଳ ବେଶ ସଶକ୍ତ ଥାଏ । ଏ ସବୁ କିନ୍ତୁ ଖୁସି ପାଇଁ ଯଥାର୍ଥ ହୋଇନଥାଏ । କଟକରୁ ବାଲିଗୁଡ଼ା ଗୋଟିଏ ବର୍ଷ ଭିତରେ ଚାରି ଚାରି ଥର ଏକ ପରିବାର ଆମ୍ଭ ମାନଙ୍କ ସହିତ ସମୟ କାଟିବା ପାଇଁ ସମୟ ଆଉ ଅର୍ଥ ଏ ଦୁଇଟିକୁ ଖର୍ଚ୍ଚ କରି ଜୀବନରେ ଆନନ୍ଦ ଓ ଖୁସିକୁ ବଢ଼ାଇବା ପାଇଁ ପହଞ୍ଚିଥାନ୍ତି । ଅଥଚ ଖୁସି ଓ ଆନନ୍ଦ ପାଇବା ପାଇଁ କିଏ ଦେବାଳୟକୁ ବାଛନ୍ତି କିଏ ନିରବ ଶାନ୍ତ କ୍ଷେତ୍ରକୁ ବାଛନ୍ତି କିଏ ବିଦେଶଗସ୍ତ କରନ୍ତି ଆଉ କିଏ ପରିବାରକୁ ନେଇ ସମୟ କାଟିବାକୁ ଗୁରୁତ୍ୱ ଦିଅନ୍ତି । ଏହି ସବା ପଛ ଚେତନା ଭିତରେ ଜୀବନର ଏକ ତତ୍ତ୍ୱ ଭାବେ ସମ୍ଭବତଃ ସୁଶାନ୍ତ ଭାଇ ଏହାକୁ ଗ୍ରହଣ କରିଛନ୍ତି । ଆମ ପାଠପଢ଼ା ସମୟରେ ଭିତରେ ମୋର ଅନେକ ବନ୍ଧୁ ଓ ବାନ୍ଧବୀ ଜୀବନରେ କିଏ ସଫଳତା ପାଇଛନ୍ତି ଆଉ କିଏ ସଫଳତା ଭିତରେ ବି ବିଫଳତାର ସ୍ୱାଦ ଚାଖିଛନ୍ତି । ଜୀବନ ନାଟକରେ ସମସ୍ତେ ଯେ ବେଶ ନିଖୁଣ ଭାବରେ ଅଭିନୟ କରିପାରିବେ ତାହା ଏ ସଂସାର ଯିଏ ତିଆରି କରିଛନ୍ତି ତାଙ୍କୁ ହିଁ ଜଣା । କିନ୍ତୁ ପ୍ରତିପତ୍ତି, ଅର୍ଥ, ବାହୁବଳ ଏ ସବୁକୁ ପଛେଇ ଦେଇ ଜୀବନରେ ନିଶ୍ଚିନ୍ତ ଖୁସି ଓ ସୁଖକୁ ଗୁରୁତ୍ୱ ଦେଉଥିବା ଆମ ସମୟରେ କେତେ ଜଣ ଛାତିରେ ହାତ ରଖି କହିପାରିବେ ? ଲୋକଙ୍କ ପାଖରେ ପଇସା ଅଛି, ଗାଡ଼ି, ଘୋଡ଼ା, ସୁନା, କ୍ଷମତା, ଉଚ୍ଚପଦବୀ, ବଂଶ ମର୍ଯ୍ୟାଦା, ବିଶାଳ ବନ୍ଧୁ ପରିଜନ ସବୁ କିଛି ଥାଏ ହେଲେ ସେମାନେ ଶାନ୍ତି ପାଇପାରିନଥାନ୍ତି । ଅସଲରେ ଶାନ୍ତି ପାଇବା ପାଇଁ ହେଲେ ମନକୁ ବେଶ ନିର୍ମଳ ଆଉ ଖୋଲା ରଖିବାକୁ ପଡ଼ିବ । ଭାବପ୍ରବଣତା ଅନେକ କ୍ଷେତ୍ରରେ ଆମ ମାନଙ୍କୁ ଭୁଲ ଚିତ୍ର ଦେଖାଇଥାଏ । ଜୀବନରେ ସବୁକିଛି ଯାହା ଦେଖୁ ତାହା ପଛପଟ ଅନେକ କ୍ଷେତ୍ରରେ ସତ ହୋଇନଥାଏ । ସେଇଥିପାଇଁ କଥାରେ ଥାଏ ସବୁ ଚକ ଚକ କରୁଥିବା ଜିନିଷ ସୁନା ହୋଇନଥାଏ । ଜୀବନ ଯାତ୍ରା ପଥରେ ଆହ୍ୱାନ ବହୁତ ଆସିଥାଏ । ଝଡ଼ ମରିଚିକା, ଜୁଆର ଆଉ ଭଟ୍ଟା ଏସବୁକୁ ନେଇ ହିଁ ଜୀବନ । କିନ୍ତୁ ଆମ ମାନଙ୍କର କହିବାକଥା ଓ କରିବା କଥା ଗୋଟିଏ ହେବା ଉଚିତ । ଏକ ସଫେଦ ମନରେ ପରିବାରଟି ସଫେଦ ହୋଇପାରିବ, ପରିବାରଟି ସଫେଦ ହେଲେ ସମାଜ ଏବଂ ସମଗ୍ର ବାତାବରଣ ଆନନ୍ଦମୟ ହୋଇପାରିବ । ସୁଖ ଓ ଶାନ୍ତି ପାଇବା ପାଇଁ ଜୀବନର ଏହି ଆନନ୍ଦ ସମସ୍ତଙ୍କୁ ଭଲ ଜୀବନର ରାସ୍ତା ଦେଖାଉ ।

*ବାଲିଗୁଡ଼ା, କନ୍ଧମାଳ,*
*ଦୂରଭାଷ : ୯୪୩୭୨୪୨୩୦୦*




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ? ରାମଙ୍କୁ ଆମେ କାହିଁକି ମାନିବୁ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ୍ୟ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

**—ଚିତ୍ତରଞ୍ଜନ ମହାପାତ୍ର**
**ଶିମୂଳୀପାଟଣା, ଚନ୍ଦକା, ମୋ-୯୪୩୯୫୬୧୮୫୪**

# ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତନ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ।ଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟ, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ



ବର୍ତ୍ତମାନର ସମୟକୁ ଦେଖିଲେ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ପବନରେ ଗଢ଼ା ଆମ ଏହି ସ୍ଥୂଳ ତତ୍ତ୍ୱରେ ଏହି ତିନୋଟି ଉପାଦାନର ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ଜୀବନ ଭିତରେ ସମସ୍ତେ ଅନେକ ଅବସକୁ ଅନୁଭବ କରନ୍ତି। ଅନେକ ବ୍ୟସ୍ତବହୁଳ ଜୀବନ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଏହା ଅନୁଭବୀ କରିଥାଏ ଯେ ଆବହମାନ ସମୟରୁ ଆମ୍ଭେମାନେ ଭାବେ ଜଡ଼ିତ। ମାଟି, ପାଣି ଓ ଶରୀର ଏବଂ ପ୍ରତିଟି ମଣିଷର ଶରୀର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ସମୟରେ କ୍ଳାନ୍ତ ବା ଶରୀରର ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଷମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

**ବିଜୟ କୁମାର ପୃଷ୍ଟି**, ସମ୍ପାଦକ, ନିରାମୟ, କଟକ, ଦୂରଭାଷ : ୯୮୬୧୪୬୪୯୩୨

# ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧ୍ୟକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

# ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ।ଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅଗ୍ନି ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

## ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

# ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଏହି ଗୋମଙ୍ଗଳ ସମିତିରେ ୬୦ରୁ ଉର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଉର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ। ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଳ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି।

# ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍): ସାହିତ୍ୟିକ ତଥା ଗବେଷକ ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶ୍ରୀ ବିରଜା ସେବାସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତ ପାଢ଼ୀ ଶିକ୍ଷକତା ସହିତ ବହୁ ପୁସ୍ତକ ରଚନା କରିଥିଲେ ଓ କେତେକ ଐତିହାସିକ ସମ୍ପର୍କରେ ଗବେଷଣାରେ ବୁଡ଼ି ରହିଥିଲେ। ସେ ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଶ୍ରୀ ବିରଜା ମନ୍ଦିର ପଣ୍ଡିତ ସଭାର ସେ ଜଣେ ସକ୍ରିୟ ବାହ୍ମଣ ଥିଲେ। ଶ୍ରୀ ବିରଜା ସେବା ସମିତି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପାଢ଼ୀ ଥିଲେ ଜଣେ ସରଳ, ଅମାୟିକ ଓ ସ୍ପଷ୍ଟବାଦୀ। ଏଣୁ ବିରଜା ସେବା ସମିତି ପକ୍ଷରୁ ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ ସମାଜସେବୀ ପାଣ୍ଡବ ସାହୁ, ଉପସଭାପତି ପ୍ରମୋଦ ଦ୍ୱିବେଦୀ ଓ ଶିବପ୍ରସାଦ ବଳ, କର୍ମକର୍ତ୍ତା ବନବିହାରୀ ମହାପାତ୍ର, ଗଦାଧର ରାଉତ, କ୍ଷୀରୋଦ ପାଠୀ, ବୃନ୍ଦାବନ ମିଶ୍ର, ଅଧିକାରୀ ନବକିଶୋର ଦାସ, ସୁବାସ ମହାନ୍ତି, ସୁବାସ ମହାପାତ୍ର, ବ୍ରଜକିଶୋର ମହାନ୍ତି, ମହେନ୍ଦ୍ର କୁମାର ଦାସ, ଗିରିଧାରୀ ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ହରିହର ବେହେରା, ବିରଜା ପ୍ରସାଦ କର, ମଧୁସୂଦନ ମହାନ୍ତି, ଶ୍ରୀନାଥ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

# ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧ୍ରୁନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଲବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m. x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଧର୍ମଶାଳା ବିଜେପିର ବୁଥ୍ ବିଜୟ ଅଭିଯାନ ଓ ମିଶ୍ରଣ ପର୍ବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବିଜେପିର ବୁଥ୍ ବିଜୟ ଅଭିଯାନ ଓ ମିଶ୍ରଣ ପର୍ବ ଜାରକା ଶାନ୍ତିବଜାରସ୍ଥିତ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଛି । ଧର୍ମଶାଳା ବିଧାନସଭା ପ୍ରାର୍ଥୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ ଓ ବିଜେପି ଲୋକସଭା ପ୍ରାର୍ଥୀ ରବିନାରାୟଣ ବେହେରା ଯୋଗଦେଇ ବୁଥ୍ ସଭାପତିମାନଙ୍କୁ ଆଗାମୀ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଥିଲେ । ବୁଥ୍ସ୍ତରୀୟ କର୍ମୀମାନେ ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ । ଦଳୀୟ କର୍ମୀମାନେ ଏକାଠି ହୋଇ କାମକଲେ ଧର୍ମଶାଳା ବିଧାନସଭା ଓ ଯାଜପୁର ଲୋକସଭା ଆସନରେ ବିଜେପିର ବିପୁଳ ବିଜୟ ହେବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ । ଏହି ଅବସରରେ ୨୬୪ଜଣ ବୁଥ୍ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଜେପି ପ୍ରାର୍ଥୀ କିପରି ବିଜୟୀ ହେବେ ସେଥିପାଇଁ ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ପରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସଂଗଠକ ଅଶୋକ ସାହୁ ଓ ତାଙ୍କ ସମର୍ଥକମାନେ ବିଜେପିରେ ଯୋଗ ଦେଇଥିଲେ । ନବାଗତମାନଙ୍କୁ ବିଜେପି ପ୍ରାର୍ଥୀ ଶ୍ରୀମତୀ ପହି ଉତରୀୟ ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ମଣ୍ଡଳ ସଭାପତି ହିମାଂଶୁ ଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ବିବେକ ଗନ୍ତାୟତ, ମଣ୍ଡଳ ସଭାପତି କୁଳମଣି ମଲିକ, ମାନସ ମହାନ୍ତି, ନୀଳମଣି ଦାସ, ଚିନ୍ତାମଣି ସାମଲ, ଲକ୍ଷ୍ମୀଧର ପତି, ସାନନ୍ଦ ସ୍ୱାଇଁ, ଚିତରଂଜନ ଦାସ, ଯୁବ ସଭାପତି ସୁଦୀପ୍ତ ପଣ୍ଡା, ସରୋଜ ମଲିକ, ସୁଦର୍ଶନ ସାହୁ, ବିକାଶ ମଲିକ, ରବୀନ୍ଦ୍ର ରଥ, ଶ୍ୟାମସୁନ୍ଦର ଗାହାଣ, ସଂଜୟ ଲେଙ୍କା, ଗୌରାଙ୍ଗ ମହାନ୍ତି, ଶରତ ଜେନା, ଆନନ୍ଦ ବାରିକ, ଅର୍ଜୁନ ନାୟକ, ଧନେଶ୍ୱର ବାହାଲିଆ, ସଚ୍ଚିଦାନନ୍ଦ ବେହେରା, କୈଳାସ ଦାସ, ଦୁଃଶାସନ ଘଡ଼ାଇ ଓ ଜ୍ୟୋତିପ୍ରକାଶ ଜେନାମଣି ବକ୍ତବ୍ୟ ରଖିଥିଲେ । ମଣ୍ଡଳ ସଭାପତି ହେମନ୍ତ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବାରବାଟି ବସ୍ ଦୁର୍ଘଟଣା, କେନ୍ଦ୍ରୀୟ ତଦନ୍ତକାରୀ ଦଳର ଅନୁଧ୍ୟାନ

ଧର୍ମଶାଳା,(ପିଏନ୍): ଧର୍ମଶାଳା ଥାନା ବାରବାଟି ବଜାର ନିକଟରେ ହୋଇଥିବା ବସ୍ ଦୁର୍ଘଟଣାର ଅନୁଧ୍ୟାନ କରିଛି କେନ୍ଦ୍ରୀୟ ତଦନ୍ତକାରୀ ଦଳ । ଆଜି ଅପରାହ୍ଣରେ ସେଭ୍ ଲାଇଭ୍ ଫାଉଣ୍ଡେସନର ୨ଜଣିଆ ଦଳ ବାରବାଟି ଛକ ନିକଟ ଦୁର୍ଘଟଣାସ୍ଥଳ ଏବଂ ଓଭର ବ୍ରିଜ୍ ଉପରେ ରହି ଏହାର ବୈଜ୍ଞାନିକ କାରଣ ଖୋଜିଥିଲେ । ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ । ପରେ ଜାରକା ପୁଲିସ୍ ବିଟ୍ ହାଉସ୍ ପରିସରରେ ଥିବା ଦୁର୍ଘଟଣାଗ୍ରସ୍ତ କାଳିଆନନା ବସ୍କୁ ତନଖି କରିବା ସହ ଫଟୋ ଉଠାଇଥିଲେ । ଏହି ସମୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ ସମ୍ବିତ୍ କୁମାର, କଟକ ଏମ୍ଭିଆଇ ବିଶ୍ୱଜିତ୍ ଦାସ, ଧର୍ମଶାଳା ଆଇଆଇସି ତପନ କୁମାର ନାୟକ, ଆଇଓ ଅସିତ୍ କୁମାର ବଳବନ୍ତରାୟ ଓ ପୁଲିସ୍ କର୍ମଚାରୀ ଉପସ୍ଥିତ ଥିଲେ । ଗତ ୧୫ତାରିଖ ରାତି ୮.୪୫ରେ କାଳିଆନନା ବସ୍ ଭାରସାମ୍ୟ ହରାଇ ୧୬ନମ୍ବର ଜାତୀୟ ରାଜପଥର ବାରବାଟି ଓଭରବ୍ରିଜ୍ରୁ ପ୍ରାୟ ୨୦ଫୁଟ୍ ତଳକୁ ଖସି ପଡ଼ିଥିଲା । ଏଥିରେ ୫ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଅଧିକ ଆହତ ହୋଇଥିଲେ । ତେବେ ଏହି ଦୁର୍ଘଟଣା କାହିଁକି ଓ କେଉଁ ପରିସ୍ଥିତିରେ ଘଟିଲା ଏନେଇ କାରଣ ଖୋଜା ଚାଲିଛି । ଏପଟେ ବସ୍ ଦୁର୍ଘଟଣାକୁ ୭୨ଘଣ୍ଟା ବିତି ଯାଇଥିଲେ ମଧ୍ୟ ଜଣେ ମୃତ ଯାତ୍ରୀଙ୍କ ପରିଚୟ ମିଳି ପାରୁନାହିଁ । ଆସନ୍ତାକାଲି ତାଙ୍କ ଆତ୍ମୀୟସ୍ୱଜନ ମୃତଦେହ ନେବାକୁ ନଆସିଲେ ଅଚିହ୍ନା ବ୍ୟକ୍ତି ହିସାବରେ ପୁଲିସ୍ ପକ୍ଷରୁ ତାଙ୍କ ସଂସ୍କାର କରାଯିବ ବୋଲି ତଦନ୍ତକାରୀ ପୁଲିସ୍ ଅଧିକାରୀ ଶ୍ରୀ ବଳବନ୍ତରାୟ ସୂଚନା ଦେଇଛନ୍ତି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ଣରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି । ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି । ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ରାଷ୍ଟ୍ରୀୟ

କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି । ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ

ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ

ମେଡ଼ିକାଲ କଲେଜ ଏବଂ ଇକ୍ଷକଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ । ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ




2024
2024-2025
ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Friday April 19, 2024 ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୧୯,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

## ବାପି ସାର୍ଖେଲଙ୍କ ସହାୟତା ଲୋଡିଲେ ପାରାଦୀପ ବିଧାୟିକା ପ୍ରାର୍ଥିନୀ

ପାରାଦୀପ,(ପି.ଏନ): ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତା ଦଳ (ବିଜେଡି)ର ଟିକେଟ୍ ପାଇଥିବା ଗୀତାଂଜଳୀ ରାଉତରାୟ ବୁଧବାର ଦିନ ପାରାଦୀପର ଶ୍ରମିକ ନେତା ଅରିନ୍ଦମ ସାର୍ଖେଲ(ବାପି)ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଚଳିତ ନିର୍ବାଚନରେ ଦଳ ପକ୍ଷରୁ ତାଙ୍କୁ ଟିକେଟ୍ ମିଳିଛି, ଦଳର ମୁଖ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହ ତାଙ୍କୁ ବିଜୟ କରିବା ପାଇଁ ଶ୍ରୀମତୀ ରାଉତରାୟ ନିବେଦନ କରିଥିଲେ । ଶ୍ରୀ ସାର୍ଖେଲଙ୍କ ପାରାଦୀପ ନୂଆବଜାରସ୍ଥିତ କାର୍ଯ୍ୟାଳୟରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ସହିତ ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ରାଉତରାୟ ମଧ୍ୟାହ୍ନରେ ପହଂଚିଥିଲେ । ସେଠାରେ ଶ୍ରୀ ସାର୍ଖେଲ, ବିଜୁ ଶ୍ରମିକ ସାମୁଖ୍ୟର କାର୍ଯ୍ୟକାରୀ ସଭାପତି ମୋନୀଦୀପା ସାର୍ଖେଲଙ୍କ ସମେତ ସାର୍ଖେଲଙ୍କ ଶତାଧିକ ସମର୍ଥକମାନେ ବିଧାୟକ ଏବଂ ତାଙ୍କ ପତ୍ନୀ ତଥା ବିଧାୟକ ପ୍ରାର୍ଥିନୀ ଗୀତାଂଜଳୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ପାରାଦୀପରୁ ବିଜେଡିକୁ ସର୍ବାଧିକ ଭୋଟ ଦେବାକୁ ଘରକୁଘର ତାଙ୍କ ସମର୍ଥକମାନେ ବୁଲିବେ ବୋଲି ଶ୍ରୀ ସାର୍ଖେଲ କହିଥିଲେ । ଚଳିତ ଥର ବିଜେଡି ପାରାଦୀପ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପରିବ ର୍ତ୍ତନ କରି ସମ୍ବିତଙ୍କ ବଦଳରେ ମହିଳା ପ୍ରାର୍ଥୀ ଭାବେ ସମ୍ବିତଙ୍କ ଧର୍ମପତ୍ନୀ ଗୀତାଂଜଳୀଙ୍କୁ ଟିକେଟ ଦେଇଛି । ବାପି ସାର୍ଖେଲଙ୍କର ପାରାଦୀପରେ ଶ୍ରମିକ ସଙ୍ଗଠନ ସହିତ ବହୁ ସଙ୍ଗଠନ ରେ ଦବ୍‌ଦବା ରହିଛି । ଉଭୟେ ପାରାଦୀପର ବିକାଶରେ ଯୁଗ୍ମ ଭାବେ କାମ କରିବେ ବୋଲି ଗଣମାଧ୍ୟମକୁ ମିଳିତ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ସାର୍ଖେଲଙ୍କ ସମେତ ତାଙ୍କ ପତ୍ନୀ ତଥା ବିଜୁ ଶ୍ରମିକ ସାମୁଖ୍ୟର କାର୍ଯ୍ୟକାରୀ ସଭାପତି ମୋନୀଦୀପା ସାର୍ଖେଲ, ଆମ ପାରାଦୀପ ଆମ ପ୍ରଗତିର ସଭାପତି କୈଳାସ ଚନ୍ଦ୍ର ସାହୁ, ବରିଷ୍ଠ ନେତା ଅନୁପ ସାହାଣୀ, ଲପନ କୁମାର ପରିଡା, ପୌର ଉପାଧକ୍ଷା ଛବିଲତା ରାଉତଙ୍କ ସମେତ ପାରିଷଦ ଓ ବାପି ସାର୍ଖେଲଙ୍କ ନେତୃତ୍ୱାଧୀନ ବିଭିନ୍ନ ସଙ୍ଗଠନର କାର୍ଯ୍ୟକ ର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରରୁ ଉତ୍କ୍ଷେପଣ ହେଲା ଦୂରଗାମୀ କ୍ରୁଜ ମିସାଇଲ

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରରୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଦୂରଗାମୀ ସବ୍-ସୋନିକ୍ କ୍ରୁଜ ମିସାଇଲ ପରୀକ୍ଷା ହୋଇଛି । ଏହା ୧୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ । ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରରେ ଟୁର୍ବୋଜେଟ୍ ଇଞ୍ଜିନ୍ ବ୍ୟବହାର କରାଯାଇଛି । ଏହି ପରୀକ୍ଷଣ ସମୟରେ ମିସାଇଲର ଗତି, ଦିଗ, ଲକ୍ଷ୍ୟଭେଦ କ୍ଷମତା ଯା କରିବା ନିମନ୍ତେ ଡିଆରଡିଓ ବିଭିନ୍ନ ସ୍ଥାନରେ ରାଡ଼ାର ଖଞ୍ଜାଯିବା ସହ ବାୟୁସେନାର ସୁଖୁଇ-୩୦ ଏମକେ-୧ ଯୁଦ୍ଧ ଜାହାଜ ଦ୍ୱାରା ସମସ୍ତ ତଥ୍ୟ ସଂଗ୍ରହ କରାଯାଇଥିଲା । ଭାରତ ଡାଇନାମିକ ଲିମିଟେଡ୍ ଦ୍ୱାରା ନିର୍ମିତ ଓ ଏରୋନେଟିକାଲ ଡେଭଲୋପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ ଦ୍ୱାରା ବିକଶିତ କରାଯାଇଥିବା ଏହି ମିସାଇଲରେ ୧୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇପାରିବ । ସମୁଦ୍ର ପତନର ଅଳ୍ପ ଉଚ୍ଚରେ ଉଡ଼ାନ କରି କ୍ଷପଣାସ୍ତ୍ରର ସଫଳ ପରୀକ୍ଷଣ ପରେ ପ୍ରତୀରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ପ୍ରତିରକ୍ଷା ବିଭାଗର ଚେୟାରମେନ ସମିର ଭି. କାମାଥ୍ ଡିଆରଡିଓ ବୈଜ୍ଞାନିକ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ପାରାଦୀପରେ ରାମ ନବମୀ ପାଳିତ

ପାରାଦୀପ,(ପି.ଏନ): ବୁଧବାର ଦିନ ପବିତ୍ର ରାମ ନବମୀ ବନ୍ଦର ସହର ପାରାଦୀପର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି । ସକାଳେ ପାରାଦୀପ ଉପକଣ୍ଠ କୋଲଡିଆର ଗ୍ରାମବାସୀମାନେ ମହାନଦୀରୁ ଏକ ବିରାଟ କଳସ ଶୋଭାଯାତ୍ରାରେ ଆସି ଗ୍ରାମର ରାମ ମନ୍ଦିରରେ ପହଂଚିଥିଲେ । ୨୫ ବର୍ଷଧରି ଏଠାରେ ପବିତ୍ର ରାମନବମୀ ଉତ୍ସାହ ଓ ଉଦ୍ଦିପନାର ସହିତ ପାଳିତ ହୋଇ ଆସୁଛି । ପାରାଦୀପର ମିଡିଆ କ୍ରିକେଟ୍ ଟିମ୍ ପକ୍ଷରୁ ବଡପଡିଆସ୍ଥିତ ପ୍ରେସ୍ ଛକ ନିକଟରେ ଜନସାଧାରଣଙ୍କୁ ଜଳଖିଆ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା । ପାରାଦୀପ ବିଧାୟକଙ୍କ ପ୍ରତିନିଧି ରଶ୍ମୀରଂଜନ ପରିଡା ମୁଖ୍ୟଅତିଥି ଭାବେ ଯୋଗେ ଉପସ୍ଥିତ ଜନସାଧାରଣଙ୍କୁ ଜଳଖିଆ ବଣ୍ଟନ କରିଥିଲେ । ପାରାଦୀପର ସାମ୍ବାଦିକମାନଙ୍କ ଏତାଦୃଶ କାର୍ଯ୍ୟକୁ ଶ୍ରୀ ପରିଡା ଉଚ୍ଚପ୍ରଶଂସା କରିବା ସହିତ ରାମ ନବମୀର ଅଭିନନ୍ଦନ ଜଣାଇଥିଲେ । ଅପରାହ୍ନରେ ବଜରଙ୍ଗ ଦଳ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

## କବିବର ରାଧାନାଥ ରାୟଙ୍କ ପୂଣ୍ୟତିଥି



ଧର୍ମଶାଳା, (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରାମନବମୀ ଓ କବିବର ରାଧାନାଥ ରାୟଙ୍କ ପୂଣ୍ୟତିଥି ଜାରକାସ୍ଥିତ ଗାର୍ଡ଼ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି କାହ୍ନୁ ଚରଣ ଦାଶଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ ପଣ୍ଡିତ କାମଦେବ ଶତପଥୀ ଓ ସମ୍ମାନିତ ଅତିଥି ସ୍ତମ୍ଭକାର ନବଘନ ଜେନା ଯୋଗଦେଇ ରାମନବମୀ ଓ କବିଙ୍କ ସାହିତ୍ୟକୃତୀ ସଂପର୍କରେ ଆଲୋଚନା କରିଥିଲେ । ସାହିତ୍ୟିକ ଶୁଭକାନ୍ତ ନାୟକ ଅତିଥି ପରିଚୟ, କବି ଯୁଗଳ କିଶୋର ଦାସ ସ୍ୱାଗତ ଭାଷଣ, ସାଧାରଣ ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସଂପାଦକୀୟ ସୂଚନା ଓ କବି ସରୋଜିନୀ ପଣ୍ଡା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଏହି ଅବସରରେ ସାହିତ୍ୟ ସମାଜର ମୁଖପତ୍ର ଗଙ୍ଗଶିଉଳିର ଦୋଳ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

## ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସକୁ ଉତ୍ସାହର ସହ ପାଳନ କରାଯିବା ସହ ସମୃଦ୍ଧ ରେଳ ଐତିହ୍ୟର ସଂରକ୍ଷଣ ଓ ସମ୍ମାନ ଉପରେ ଗୁରୁତ୍ୱାରୋପ କରାଯାଇଛି । ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶ୍ରୀ ମହେଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆମ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଆଲୋଚ଼ନା, କଳାତ୍ମକ ଅଭିବ୍ୟକ୍ତି ଓ ମିଳିତ ପ୍ରତିବଦ୍ଧତାର ମିଶ୍ରଣ ଦେଖିବାକୁ ମିଳିଥିଲା । ଅନୁଗୁଳ ସୁକିନ୍ଦା ରେଲୱେ ଲିମିଟେଡର ପରିଚ଼ାଳନା ନିର୍ଦ୍ଦେଶକ ଶ୍ରୀ ଦିଲୀପ କୁମାର ସାମନ୍ତରାୟ ଙ୍କ ଆକର୍ଷଣୀୟ ବକ୍ତବ୍ୟରେ ରେଳଐତିହ୍ୟ ଓ ଏହାର ସଂରକ୍ଷଣ ଉପରେ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ବେହେରା ତାଙ୍କ ଅଭିଭାଷଣରେ ରେଳଐତିହ୍ୟର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ କାର୍ଯ୍ୟକ୍ରମର ସାମୂହିକ ଭାବନାକୁ ପ୍ରୋତ୍ସାହିତ କରିଥିଲେ । ଏହି ଅବସରରେ ଆୟୋଜିତ ଏକ କଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କାର୍ଯ୍ୟକାରୀ ମହାପ୍ରବନ୍ଧକ ଶ୍ରୀ ମହେଶ କୁମାର ବେହେରା ଓ ପୂର୍ବତଟ ରେଳପଥ ମହିଳା ସଂଗଠନର ଅଧ୍ୟକ୍ଷା ଶ୍ରୀମତୀ ଶର୍ମିଳା ବେହେରା ପୁରସ୍କାର ପ୍ରଦାନ କରିଥିଲେ । ରେଳ ସଂଗ୍ରହାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପୂର୍ବତଟ ରେଳପଥ ଉପ ମହାପ୍ରବନ୍ଧକ ଶ୍ରୀ କେ.କେ.ଖଡଙ୍ଗା କାର୍ଯ୍ୟକ୍ରମ ପରିଚ଼ାଳନା କରିଥିବା ବେଳେ ରେଳବାଇର ବରିଷ୍ଠ ଅଧିକାରୀ ଓ କର୍ମଚ଼ାରୀମାନେ ଉପସ୍ଥିତ ଥିଲେ ।

## ସରିଲା ଦଣ୍ଡକାଳୀ ଙ୍କ ତେର ଦିନ ଯାତ୍ରା - ମନ୍ଦିର ଗଲେ ମାଁ କାଳୀ। କୁକୁଡାଖଣ୍ଡି ରେ ମାଁ କାଳୀଙ୍କ ମେରୁ ଯାତ୍ରା

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର),(ପି.ଏନ): ଗଞ୍ଜାମ ଜିଲ୍ଲା ରେ ତେର ଦିନ ଧରି ପାଳିତ ଦଣ୍ଡନାଚ଼ । ସକାଳୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ପ୍ରଥମେ ସମସ୍ତ ଦଣ୍ଡ ନୃତ୍ୟ ଦଳ ଙ୍କୁ ବରଣ କରଯାଇଥାଏ । ଅପରାହ୍ନ ରେ ଧୂଳି ଦଣ୍ଡ, ଓ ନଈ କୂଳ ରେ ପାଣି ଦଣ୍ଡ ହୋଇ ଥାଏ । ଓ ଏହି ତେର ଦିନ ମଧ୍ୟରେ ଲୋକ ମାନେ ମଧ୍ୟ ବହୁ ସୁନ୍ଦର ଭାବେ ଦଣ୍ଡ ନାଚ଼ ଦେଖି ଥାଆନ୍ତି । ଆଜି ସକାଳୁ ସବୁ ତେର ଭୁକ୍ତା ମାନେ ବହୁ ସୁନ୍ଦର ଭାବେ ମାଁ କାଳୀ ଙ୍କୁ ଧରି ବିଭିନ୍ନ ସାହି ପରିକ୍ରମା କରି ସାରି ନିଜ ମନ୍ଦିର ପାଖରେ ରୁହନ୍ତି । ଓ ଦଣ୍ଡ ନାଚ଼ ପରିବେଷଣ କରି ଥାଆନ୍ତି । ଏହା କୁ ମେରୁ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ବୋଲି କୁହାଯାଏ । ସେହିପରି ଗଞ୍ଜାମ ଜିଲ୍ଲା ରେ ସାରା କାଳୀ ମନ୍ଦିର ରେ ମେରୁ କାର୍ଯ୍ୟକ୍ରମ ଚ଼ାଲିଥିବା ବେଳେ ରବିବାର ଦିନ କୁକୁଡାଖଣ୍ଡି କାଳୀ ମନ୍ଦିର ଠାରେ ଅପରାହ୍ନ ସମୟ ରେ ମାଁ କାଳୀ ଙ୍କ ମେରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଅଛି । ଏହି ମେରୁ ଦେଖିବା ପାଇଁ ହଜାର ହଜାର ଭକ୍ତ



ଦେଖିବାକୁ ଆସିଥାନ୍ତି । ଓ ମେରୁ ମଣ୍ଡପ ରେ ହରିବୋଲ,ହୁଳୁହୁଳି, ଜୟ ମାଁ କାଳୀ ଧ୍ୱନି ସହିତ ଢୋଲ,ମହୁରୀ,ଗିନି ଶବ୍ଦ ରେ ମେରୁ ମଣ୍ଡପ ପ୍ରକମ୍ପିତ ହୋଇ ଉଠିଛି । ଖଜୁରୀ ଓ ଆମ୍ବ ଗୋଟାଇବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିତରେ ଏକ ପ୍ରତିଯୋଗିତା ଦେଖିବାକୁ ମିଳି ରହିଛି । ଏହି ଦିନ ବହୁ ସଂଖ୍ୟକ ଭକ୍ତ ମାନେ ଉପବାସ କରିବା ସହ ସନ୍ଧ୍ୟା ସମୟ ରେ ମାଁ ଙ୍କ ମନ୍ଦିର ପାଖରେ ଭକ୍ତ ମାନେ ଉପସ୍ଥିତ ରହିଥାନ୍ତି । ସେହି ଦଣ୍ଡ ନାଚ଼ ତେର ଭୁକ୍ତା ମାନେ ଉପସ୍ଥିତ ରହି ମେରୁ କାର୍ଯ୍ୟକ୍ରମ ପରିଚ଼ାଳନା ରେ ସହଯୋଗ କରି କରିଆସିଥିଲେ । ତାହା ସହ ମାଁ ଙ୍କ ସନ୍ଧ୍ୟା ଆଳତି ହୋଇସାରିବା ପରେ ଭକ୍ତ ଙ୍କ ଭିଡ଼ କମିବାରେ ଲାଗିଛି । ମାଁ ଙ୍କ ମେରୁ କାର୍ଯ୍ୟକ୍ରମ ରେ ତେର ଭୁକ୍ତା ଙ୍କ ସମେତ ମନ୍ଦିର ପ୍ରଶାସନ, ମନ୍ଦିର ଅଧିକାରୀ ଶ୍ରୀ କୃଷ୍ଣଚ଼ନ୍ଦ୍ର ସେଠୀ, ମେନେଜର ବି. ସଦାନନ୍ଦ ଓ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷ ପ୍ରସାଦ ପାତ୍ର, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ତଥା ସମାଜସେବୀ ଟୁକୁନା ସେଠୀ,ପି. ରାମକୃଷ୍ଣ ଓ ବହୁ ଭକ୍ତ ମାନେ ଉପସ୍ଥିତ ରହିଥିଲେ ।

### ଧର୍ମଶାଳା କଂଗ୍ରେସ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଓ ମିଶ୍ରଣ ପର୍ବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ କଂଗ୍ରେସର ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡା ଆଜି ନିଜ ସମର୍ଥକଙ୍କ ଗହଣରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି । ସ୍ଥାନୀୟ ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ପୀଠରେ ପୂଜାର୍ଚ୍ଚନା କରି କୁମାରୀ ପଂଚାୟତର ଘରକୁ ଘର ବୁଲି କଂଗ୍ରେସର ଗ୍ୟାରେଣ୍ଟି କାର୍ଡ଼ ବଣ୍ଟନ କରିବା ସହ ଭୋଟ୍ ଭିକ୍ଷା କରିଥିଲେ । ପରେ ଜାରକା(କୁମାରୀ)ସ୍ଥିତ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଗତଥର ପ୍ରାର୍ଥୀ ଘୋଷଣାରେ ଅସନ୍ତୁଷ୍ଟ ହୋଇ ପୂର୍ବତନ ଯୁବ କଂଗ୍ରେସ ସଭାପତି ସଂଜୟ କୁମାର ରାଉତ ବିଜେଡିରେ ସାମିଲ୍ ହୋଇଥିଲେ । ତେବେ ଚଳିତ ନିର୍ବାଚନରେ ଦଳ ଧର୍ମଶାଳା ମାଟିର ପୁଅ କିଶାନ ପଣ୍ଡାଙ୍କୁ ପ୍ରାର୍ଥୀ କରିଥିବାରୁ ସେ ପୁଣି ନିଜ ସମର୍ଥକଙ୍କ ଗହଣରେ ଆସି କଂଗ୍ରେସରେ ଯୋଗ ଦେଇଛନ୍ତି ।

## ଶିହଳାରେ ବିପ୍ଳବଙ୍କ ବିଶାଳ ବାଇକ ରାଲି



କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର),(ପି.ଏନ): ଦିଗପହଣ୍ଡି ବିଜେଡି ବିଧାୟକ ପାର୍ଥି ବିପ୍ଳବ ପାତ୍ର କୁକୁଡାଖଣ୍ଡି ବ୍ଲକ ର ଶିହଳା ପଞ୍ଚାୟତ ର ଟାମଣା,ଜୁଗୁଡ଼ି, ଚ଼ନ୍ଦନପୁର, କହେଁଇପୁଟ, ମେଦିନୀପୁର, ସିଙ୍ଗାବାଡି ଗ୍ରାମ ବିଜେଡି ଯୁବ କର୍ମୀ ଶହ ଶହ ବାଇକ ରାଲିରେ ନିଜ ସମର୍ଥକ ମାନଙ୍କ ସହ ପରିକ୍ରମା କରିଥିଲେ । ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ଗୁଡିକ ଲୋକଙ୍କୁ ବୁଝାଇବା ଶହ ଯୋଜନା ଲୋକଙ୍କ ପାଖରେ ପହଁଚୁଛି କି ନାହିଁ ପଚ଼ାରିବୁଝିଥିଲେ । ବିଧାୟକ ପାର୍ଥି ଙ୍କ ଶହ ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଉପାଧାକ୍ଷା ବିଷ୍ଣୁପ୍ରିୟା ପାତ୍ର, ବରିଷ୍ଠ ବିଜେଡି ନେତା ଉଦୟ ବେହେରା, ବ୍ଲକ ସଭାପତି ସୀତାରାମ ସାହୁ, କ୍ରାନ୍ତିକୁମାରୀ,ବଶିଷ୍ଠ ଜେନା,ଦିଲ୍ଲୀପ ପାତ୍ର, ନିରଞ୍ଜନ ମହାନ୍ତି, ଙ୍କ ଶହ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray